୨୮ ଡିସେମ୍ବର ୨୦୨୫ - ୩ ଜାନୁଆରୀ ୨୦୨୬

# ରବିବାର ସିନ୍ଦୁରା

ସକାଳ
THE SAKALA


- ସ୍ୱାଗତମ୍ ୨୦୨୬
- ୨୦୨୬ରେ ଭାରତର ସ୍ଥିତି
- ଓଡ଼ିଶାର ଭବିଷ୍ୟ
- ବାର୍ଷିକ ରାଶିଫଳ ୨୦୨୬
- ରାଶି ଅନୁଯାୟୀ ଗୁଣ ଓ ଚରିତ୍ର






ଦିନ କେଇଟା ପରେ ବିଦାୟ ନେବ ୨୦୨୫ । ସ୍ମୃତି ହୋଇ ରହିଯିବ ହୃଦୟ ଭିତରେ । ନୂତନ ବର୍ଷ ୨୦୨୬କୁ ନେଇ ସବୁଠି ଉତ୍ସାହମୟ ପରିବେଶ । ନବବର୍ଷକୁ ସ୍ୱାଗତ କରିବା ପାଇଁ ଆୟୋଜିତ ହେଉଛି ସ୍ୱତନ୍ତ୍ର ଉତ୍ସବ । ତେବେ କିଭଳି କଟିବ -୨୦୨୬ ? ନୂଆବର୍ଷରେ କିଭଳି ରହିବ ଗ୍ରହ, ରାଶି, ନକ୍ଷତ୍ରଙ୍କ ପ୍ରଭାବ? ୨୦୨୬ ମସିହା କେଉଁ ରାଶିର ବ୍ୟକ୍ତିଙ୍କ ପାଇଁ କିଭଳି ରହିବ? ବିଶ୍ୱଠାରୁ ଆରମ୍ଭ କରି ଭାରତ, ଓଡ଼ିଶାର ସ୍ଥିତି କିଭଳି ରହିବ? ରାଜନୀତିଠାରୁ ଅର୍ଥନୀତି ପର୍ଯ୍ୟନ୍ତ କେମିତି ରହିବ ଦେଶର ପରିସ୍ଥିତି?

# ୨୦୨୬

ନୂଆବର୍ଷରେ ନିଜ ରାଶି ଅନୁଯାୟୀ ଭାଗ୍ୟଫଳ ଜାଣିବା ପାଇଁ ଅନେକଙ୍କ ଭିତରେ ଉତ୍ସୁକତା ରହିଥାଏ । ରାଶିଫଳ ଉପରେ କେତେକ ବ୍ୟକ୍ତିଙ୍କ ଗଭୀର ବିଶ୍ୱାସ ଥାଏ । ସେଥିପାଇଁ ନୂତନ ବର୍ଷର ରାଶିଫଳକୁ ନେଇ ମନ ଭିତରେ ଥାଏ ଉତ୍କଣ୍ଠା ଓ ଉତ୍ସାହ । କେଉଁ କେଉଁ ରାଶି ପାଇଁ ଶୁଭଙ୍କର ନୂଆବର୍ଷ ? ରାଶି ଅନୁଯାୟୀ ରାଜନେତା, ମହିଳା, ଛାତ୍ରଛାତ୍ରୀ, ବ୍ୟବସାୟୀ, କର୍ମଜୀବୀଙ୍କ ଭାଗ୍ୟ କିଭଳି ରହିବ? ଜ୍ୟୋତିଷଶାସ୍ତ୍ର ଗଣନା ଆଧାରରେ କିଭଳି ରହିବ ବିଭିନ୍ନ ରାଶିର ବ୍ୟକ୍ତିଙ୍କ ଭାଗ୍ୟ ଓ ଭବିଷ୍ୟତ, ତାହାର ଏକ ସ୍ଥୂଳ ବିବରଣୀକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ: **୨୦୨୬ : କାହା ପାଇଁ କେମିତି**

ପ୍ରସ୍ତୁତି: 'ସକାଳ' ବ୍ୟୁରୋ

(ଜ୍ୟୋତିଷଶାସ୍ତ୍ର ଆଧାରିତ ଗଣନାଭିତ୍ତିରେ ଜ୍ୟୋତିର୍ବିଦ୍ ଡ. ଲକ୍ଷ୍ମୀଧର ସାହୁଙ୍କ ଏହି ଆଲେଖ୍ୟ ପ୍ରସ୍ତୁତ ହୋଇଛି । ଗଣନାର ସତ୍ୟାସତ୍ୟ ନେଇ ସଂପାଦନା ମଣ୍ଡଳୀ ଦାୟୀ ନୁହଁନ୍ତି ।)

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

**ସମୟ ଆସିବ, ସମୟ ଯିବ । ଲୀଳାମୟ ପୁରୁଷ ତଥା ନିୟତିର ଲୀଳାକୁ ବୁଝିବା ଦୁର୍ବୋଧ ଓ କଷ୍ଟକର । ବିଶ୍ୱନିୟନ୍ତାଙ୍କ ସୃଷ୍ଟି ବେଶ୍ ରହସ୍ୟମୟ । ଏହି ରହସ୍ୟମୟ ସୃଷ୍ଟି ସମସ୍ତ ଜୀବଜଗତ ନିୟତି ବିଧି ନିର୍ଦ୍ଦିଷ୍ଟ ନୀତିନିୟମରେ ପରିଚାଳିତ । ସମସ୍ତ ଗ୍ରହ ନକ୍ଷତ୍ର ନିୟତିର ଅଧୀନ ଓ ମଣିଷର ଭାଗ୍ୟ ଦୈବର ଅଧୀନ । ଭାଗ୍ୟ ଫଳତି ସର୍ବତ୍ରଂ ନ ଚ ବିଦ୍ୟା ନ ଚ ପୌରୁଷମ୍ । ସେହିପରି ଦେବତା ଗ୍ରହରୂପୀ ଜନାର୍ଦ୍ଦନ ହିସାବରେ ଗ୍ରହମାନଙ୍କର ସ୍ଥିତି, ଅବସ୍ଥିତି, ଦୃଷ୍ଟି ଓ ଯୁକ୍ତକୁ ନେଇ ୨୦୨୬ ମସିହାରେ ସମଗ୍ର ବିଶ୍ୱକୁ ଗ୍ରହମାନେ କିଭଳି ପରିଚାଳିତ କରିବେ, ତାହାର ଏକ ସମ୍ୟକ୍ ବିବରଣୀ ଏଠାରେ ଉପସ୍ଥାପନା କରାଗଲା ।**



ଜ୍ୟୋତିର୍ବିଦ୍ ଡକ୍ଟର ଲକ୍ଷ୍ମୀଧର ସାହୁ

# ସ୍ୱାଗତମ୍ ୨୦୨୬



## ବିଶ୍ୱ ସମାଚାର

ନବବର୍ଷର ଗ୍ରହସ୍ଥିତି, ଯୁକ୍ତ ଓ ପରସ୍ପର ପ୍ରତି ଦୃଷ୍ଟି ହେତୁ ୨୦୨୬ ମସିହା ବିଶ୍ୱ ପାଇଁ ମିଶ୍ରିତ ଫଳ ପ୍ରଦାନ କରିବ । ଦେବଗୁରୁ ବୃହସ୍ପତିଙ୍କୁ ତିନି ପାପଗ୍ରହ ରବି, ମଙ୍ଗଳ ତଥା ରାହୁଙ୍କ ପୂର୍ଣ୍ଣଦୃଷ୍ଟି ହେତୁ ଅନେକ ଦେଶର ରାଷ୍ଟ୍ରନେତାଙ୍କ ମନରେ ଅହଂଭାବ, ଦୂରଦୃଷ୍ଟିର ଅଭାବ ତଥା ଯୁଦ୍ଧଖୋର ମନୋଭାବ ରହିବ । ସାମରିକ କୌଶଳ ପ୍ରଣୟନ ଓ ପ୍ରୟୋଗ ଯୋଗୁଁ ବହୁ ରାଷ୍ଟ୍ର ନିଜ ନିୟନ୍ତ୍ରଣରେ ଥିବା ବିଭାଗଗୁଡ଼ିକ ସୁପରିଚାଳିତ ନ କରିବା ହେତୁ ସବୁଆଡ଼େ ଗୃହ ଯୁଦ୍ଧ ଯୋଗୁଁ ଅନେକ ସ୍ଥାନରେ ଦଙ୍ଗାହଙ୍ଗାମା ଅନଳ ପରି ପରିସ୍ଥିତି ସୃଷ୍ଟି ହେବ । ସାଂପ୍ରଦାୟିକ ଦୁଃଖଦ ପରିବେଶ, ପରିସ୍ଥିତି ତଥା ଆଇନ ବିଶୃଙ୍ଖଳା ଦେଖାଦେବ । ବିଶେଷ କରି ଆମେରିକା ତଥା ଉତ୍ତର ଆଫ୍ରିକା ଓ ଏସିଆ ଦେଶଗୁଡ଼ିକ ପଡ଼ୋଶୀ ସେନାବାହିନୀର ଦୌରାତ୍ମ୍ୟ ଯୋଗୁଁ ଭୟ ଓ ଆତଙ୍କର ବାତାବରଣ ସହ ରାଷ୍ଟ୍ରଗୁଡ଼ିକ ବିକାଶରେ ବାଧା ସୃଷ୍ଟି ହେବ ।



ମାର୍ଚ୍ଚ, ଅଗଷ୍ଟ ତଥା ନଭେମ୍ବର ୨୦୨୬ ମସିହା ବିଶ୍ୱର ବହୁ ରାଷ୍ଟ୍ରମୁଖ୍ୟଙ୍କ ସ୍ୱାସ୍ଥ୍ୟହାନି ହେବା ସହ ଦେହାନ୍ତ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ଧର୍ମପ୍ରଚାରକମାନେ ବାଧ ହୋଇ ନିରବ ରହିବେ । ମୁସଲିମ୍ ବହୁଳ ଦେଶଗୁଡ଼ିକରେ ପ୍ରାୟ ଅଧିକାଂଶ କ୍ଷେତ୍ରରେ ଜନତାଜନାର୍ଦ୍ଦନ ଶାସନ ବ୍ୟବସ୍ଥାରେ ଅସନ୍ତୋଷ ପ୍ରକାଶ କରିବା ସହ କ୍ରୋଧରେ ଜର୍ଜରିତ ହେବେ । ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇ ଶାସନ ବିରୁଦ୍ଧରେ ଆନ୍ଦୋଳନ ଜାରି ରଖିବେ । ଦେଶ ଦେଶ ମଧ୍ୟରେ ବୈଦେଶିକ ସଂପର୍କ ଓ ବ୍ୟବସାୟିକ ଆମଦାନି ରପ୍ତାନିକୁ ନେଇ ଅଚଳାବସ୍ଥା ଦେଖାଦେବ ।

ଜାତିସଂଘ ତଥା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମୁଖିଆମାନଙ୍କ ଅପରିମାଣଦର୍ଶୀ କାର୍ଯ୍ୟକଳାପ ହେତୁ ଅଧିକାଂଶ ଦେଶ ଜାତିସଂଘ ତଥା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଉପରେ ଥିବା ନୀତି ନିୟମକୁ ମାନିବେ ନାହିଁ । ଜାତିସଂଘ ତଥା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏକ ପ୍ରକାର ସ୍ଥାଣୁ ପରିସ୍ଥିତି ଓ ପରିବେଶ ମଧ୍ୟରେ ଗତି କରିବ ।

୨୦୨୬ ଜାନୁଆରୀରେ ମଙ୍ଗଳ ଶନିଙ୍କ ଦୃଷ୍ଟି ଦେଉଥିବା ହେତୁ ଅପ୍ରେଲ ମାସରେ ରବି ଶନିଯୁକ୍ତ, ମଇ ମାସରେ ମଙ୍ଗଳ ଯୁକ୍ତ, ଜୁଲାଇ ମାସରେ ଶନି ମଙ୍ଗଳଙ୍କୁ ଦୃଷ୍ଟି ଦେଉଥିବା ଓ ଅଗଷ୍ଟ ମାସରେ ମଙ୍ଗଳ ଶନିଙ୍କୁ ଦୃଷ୍ଟି ହେତୁ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଶାନ୍ତି ରକ୍ଷା ପାଇଁ ମନୋଭାବର ଅଭାବ ରହିବ । ବହିଃ ଶତ୍ରୁମାନଙ୍କ ଘନ ଘନ ଆକ୍ରମଣାତ୍ମକ ମନୋଭାବ ଯୋଗୁଁ ସର୍ବଦା ସବୁ ରାଷ୍ଟ୍ରଗୁଡ଼ିକର ଦୌରାତ୍ମ୍ୟ, ଗୃହଯୁଦ୍ଧ, ଖଣ୍ଡଯୁଦ୍ଧ, ବିସ୍ଫୋରଣ, ଦଙ୍ଗାହଙ୍ଗାମା ଭଳି ସର୍ବଦା ବିଶୃଙ୍ଖଳା ଦେଖାଦେବ । ବିଶ୍ୱର ଅଧିକାଂଶ ଦେଶରେ ଖାଦ୍ୟ ଅଭାବ ପରିଲକ୍ଷିତ ହେବା ସହ ଖାଦ୍ୟ ଶସ୍ୟ ପାଇଁ ଅଧିକାଂଶ ସମୟ ଅନ୍ୟ ରାଷ୍ଟ୍ର ଉପରେ ନିର୍ଭରଶୀଳ ହେବେ । ଯୁକ୍ତରାଷ୍ଟ୍ର ଆମେରିକା, ଚୀନ, ଜାପାନ, କାନାଡ଼ା, ଇଂଲଣ୍ଡ, ମେଲବର୍ଣ୍ଣ ଆଦି ଦେଶରେ ସମୟୋଚିତ ପଦକ୍ଷେପର ଅଭାବ ଯୋଗୁଁ ଅଜଣା ରୋଗବ୍ୟାଧିର ପ୍ରକୋପ ବୃଦ୍ଧି ପାଇବା ଯୋଗୁଁ ଅନେକ ଧନ ଜୀବନ ନଷ୍ଟ ହେବ ।

ବୃହସ୍ପତି ଓ ଶୁକ୍ରଙ୍କ ପୂର୍ଣ୍ଣଦୃଷ୍ଟିରେ ବୃହସ୍ପତି ରାହୁଙ୍କ କୁଦୃଷ୍ଟି ଥିବା ହେତୁ ଗୁରୁ ଚଣ୍ଡାଳ ଯୋଗ ଯୋଗୁଁ ଚାରିଆଡ଼େ ଅରାଜକତା, ଗୃହଯୁଦ୍ଧ, ରାଜନୈତିକ ବିଶୃଙ୍ଖଳା ସହ ଆତଙ୍କବାଦୀର କାର୍ଯ୍ୟକଳାପ ବୃଦ୍ଧି ପାଇବ । ଜୈବିକ ଅସ୍ତ୍ରଶସ୍ତ୍ରର ପ୍ରୟୋଗ, ଅଚାନକ ଦୈବୀ ଦୁର୍ବିପାକ ଓ ଅସ୍ତ୍ରଶସ୍ତ୍ର କାରବାରରେ ଅହେତୁକ ବୃଦ୍ଧି ସହ ବାରମ୍ବାର ପ୍ରତିକୂଳ ପରିବେଶ ଓ ପରିସ୍ଥିତି ଉଭୟ ଶାସକ ଓ ଶାସନକଳ ବହୁବିଧ ବିଧାବିଘ୍ନର ସମ୍ମୁଖୀନ ହେବେ ।


ଗୁରୁ ଚଣ୍ଡାଳ ଯୋଗୁଁ ବିଶ୍ୱର ପ୍ରାୟ ଅଧିକାଂଶ ଦେଶର ଜନସାଧାରଣ ଅଜଣା ବ୍ୟାଧି ସହ ମାନସିକ ସନ୍ତୁଳନ ହରାଇବେ । କେତେକ ଦେଶରେ ବହୁ ଅଶାନ୍ତକର ପ୍ରତିକୂଳ ବାତାବରଣ ସୃଷ୍ଟି ହେବା ଯୋଗୁଁ ଅନାହାର, ଖାଦ୍ୟାଭାବ, ଆନ୍ଦୋଳନ, ପୋଡ଼ାଜଳା, ବିସ୍ଫୋରଣ ସହିତ ଆକସ୍ମିକ ଭୂମିକମ୍ପ, ଘୂର୍ଣ୍ଣିବାତ୍ୟା ଦେଖାଦେବ । ଜନତାଙ୍କ ଆକ୍ରୋଶମୂଳକ ଆନ୍ଦୋଳନାତ୍ମକ ମନୋଭାବ ହେତୁ ସରକାରୀ କର୍ମଚାରୀମାନେ ଦ୍ୱନ୍ଦ୍ୱରେ ପଡ଼ି ହନ୍ତସନ୍ତ ହେବେ । କର୍ମ ସଂସ୍ଥାନର ଘୋର ଅଭାବ ରହିବ । ସାଂପ୍ରଦାୟିକ ଦୁଃଖଦ ପରିସ୍ଥିତି ତଥା ଆଇନଗତ ବିଶୃଙ୍ଖଳା ଦେଖାଯିବ । ସବୁ କ୍ଷେତ୍ରରେ ଭୟ ଓ ଆତଙ୍କର ବାତାବରଣ ଦେଖାଦେବ । ବହୁଦେଶର ରାଷ୍ଟ୍ରନୀତିଜ୍ଞମାନେ ସୁନାମ ପ୍ରତିଷ୍ଠାର ସୁଯୋଗ ପାଇଥିଲେ ମଧ୍ୟ ବିରୋଧୀମାନଙ୍କ ବିରୋଧାଭାସ ଓ ଅସହ୍ୟ ଯୋଗୁଁ ବହୁ କ୍ଷେତ୍ରରେ ନିଜର ଲକ୍ଷ୍ୟରୁ ବିଚ୍ୟୁତ ହେବେ । ବହୁ ଦେଶରେ ମଧ୍ୟବର୍ତ୍ତୀକାଳୀନ ଏକ ବଡ଼ ସଂକଟଜନକ ପରିସ୍ଥିତିର ସମ୍ମୁଖୀନ ହେବେ ।


ବିଶ୍ୱର ଅଧିକାଂଶ ଦେଶରେ ରାଜନୈତିକ ଉତ୍ତେଜନା, ଅଶାନ୍ତ ବାତାବରଣ ସହ ପରସ୍ପର ଦେଶ ଦେଶ ମଧ୍ୟ ପ୍ରତି ଆକ୍ରମଣାତ୍ମକ ସ୍ଥିତି ଉପୁଜିଲେ ମଧ୍ୟ ବିଶ୍ୱ ଯୁଦ୍ଧର ସମ୍ଭାବନା ନାହିଁ ।



# ୨୦୨୬ରେ ଭାରତର ସ୍ଥିତି

୨୦୨୬ ମସିହାରେ ଭାରତବର୍ଷ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିବାର ସମ୍ଭାବନା ରହିଛି । ତା: ୧୫-୦୮-୧୯୪୭ ମସିହା ମଧ୍ୟ ରାତ୍ରକୁ ଭାରତର ଜନ୍ମ ଜାତକକୁ ତର୍ଜମା କଲେ ଜଣାଯାଏ ଯେ, ବୃଷ ଲଗ୍ନ ପୁଷ୍ୟା କର୍କଟ । ରବି ତୃତୀୟରେ ଅଶ୍ଳେଷା ନକ୍ଷତ୍ର କର୍କଟର, ମଙ୍ଗଳ ଆର୍ଦ୍ରା ନକ୍ଷତ୍ର ମିଥୁନ ରାଶିରେ,ବୁଧ ପୁଷ୍ୟା ନକ୍ଷତ୍ର କର୍କଟ ରାଶିରେ,ବୃହସ୍ପତି ବିଶାଖା ନକ୍ଷତ୍ର, ତୁଳା ରାଶିରେ ଶୁକ୍ର ଅଶ୍ଳେଷା ନକ୍ଷତ୍ରରେ କର୍କଟ ରାଶିରେ, ଶନି ଅଶ୍ଳେଷା ନକ୍ଷତ୍ର କର୍କଟ ରାଶିରେ, ରାହୁ କୃତ୍ତିକା ନକ୍ଷତ୍ର ବୃଷ ରାଶିରେ ଓ କେତୁ ଅନୁରାଧା ନକ୍ଷତ୍ର ବିଛା ରାଶିରେ ଅବସ୍ଥାନ କରିଥାନ୍ତି । ଶ୍ରାବଣ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ୨୦୦୪ ସମ୍ବତ, ୧୮୬୯ ଶକାବ୍ଦ ସିଦ୍ଧି ଯୋଗ ବିଷ୍କିକରଣ ଶୁକ୍ରବାରକୁ ନେଇ ବର୍ତ୍ତମାନ ମଙ୍ଗଳରେ ମଙ୍ଗଳ ତା: ୦୩-୦୨-୨୦୨୬ ଓ ତା'ପରେ ମଙ୍ଗଳ ମହାଦଶାହ ରାହୁ ଅନ୍ତର୍ଦ୍ଦଶା ତା: ୨୧-୦୨-୨୦୨୩ ପର୍ଯ୍ୟନ୍ତ ରହିବ । ମଙ୍ଗଳରେ ମଙ୍ଗଳ ଅନ୍ତର୍ଦ୍ଦଶା ତଥା ମଙ୍ଗଳରେ ରାହୁ ଅନ୍ତର୍ଦ୍ଦଶା ଏହିପରି ଅନ୍ତର୍ଦ୍ଦଶା ଦୁଇଟି ପର୍ଯ୍ୟାୟରେ କିଭଳି ଭାବରେ ଶୁଭ ଓ ଅଶୁଭ ଫଳ ପ୍ରଦାନ କରିବ ତାହାର ଏକ ସ୍ଥୂଳ ବିବରଣୀ ଏଠାରେ ଉଲ୍ଲେଖ କରାଗଲା ।









## କୃଷି ଓ ପାଣିପାଗ

ମଙ୍ଗଳ ପ୍ରତି ରାହୁଙ୍କ ପୂର୍ଣ୍ଣଦୃଷ୍ଟି ହେତୁ ୨୦୨୬ ମସିହା ମାର୍ଚ୍ଚ ମାସ ପରେ ମଙ୍ଗଳ ପ୍ରତି ଅଧିକାଂଶ ସମୟ ବହୁ ପ୍ରାନ୍ତରେ ବୃଷ୍ଟିହୀନତା ତଥା ପରିବେଶ ଅସନ୍ତୁଳ ଅବସ୍ଥା ହେତୁ କୃଷି ଉତ୍ପାଦନ ହ୍ରାସ ପାଇବ । ଅତିବୃଷ୍ଟି ତଥା ଅନାବୃଷ୍ଟି ହେତୁ କୃଷି ଦିଗରେ ଆଶାନୁରୂପ ଲାଭ ମିଳିବ ନାହିଁ । କୃଷିଜାତ ଦ୍ରବ୍ୟ ଅହେତୁକ ବୃଦ୍ଧି ପାଇବ । ଆମଦାନୀ ରପ୍ତାନୀ କ୍ଷେତ୍ରରେ ବାଧା ସୃଷ୍ଟି ହେବ । ଖାଦ୍ୟାଭାବ ଦେଖାଦେବା ସହ ବନ୍ୟା,ବାତ୍ୟା, ମରୁଡ଼ି ଯୋଗୁଁ ପ୍ରଭୃତ କୃଷିହାନି ହେବା ସହ ସରକାରୀ କଳର ଅବହେଳା ଲାଗି ରହିବ । ପରିବେଶ ଓ ପରିସ୍ଥିତି ଅନିୟନ୍ତ୍ରିତ ରହିବ ।



## ପ୍ରାକୃତିକ ବିପର୍ଯ୍ୟୟ

ନବମ ସ୍ଥାନ ଭାଗ୍ୟ ଜାଗାକୁ ତିନୋଟି ପାପ ଗ୍ରହ ଯଥା- ରାହୁ, ମଙ୍ଗଳ ଓ ଶନିଙ୍କ ପୂର୍ଣ୍ଣଦୃଷ୍ଟି ହେତୁ ଏକାଧିକ ସ୍ଥାନରେ ବାରମ୍ବାର ବନ୍ୟା, ବାତ୍ୟା, ଝଡ଼, ତୋଫାନ, ଭୂକମ୍ପ ଆଦି ପ୍ରାକୃତିକ ବିପଦ ଦେଖାଦେବ । ମନୁଷ୍ୟକୃତ ଆତଙ୍କବାଦ ଯୋଗୁଁ ବହୁ ଧନଜୀବନହାନି ହେବ । ସରକାରୀ କଳର ସଠିକ୍ ପଦକ୍ଷେପର ଅବହେଳା ଯୋଗୁଁ ଜନସାଧାରଣଙ୍କ ଶାରୀରିକ ମାନସିକ ଓ ଆର୍ଥିକ ସ୍ଥିତିକୁ ନେଇ ବହୁ ଉତ୍ଥାନ ଓ ପତନ ଦେଇ ଗତି କରିବେ । ବିଶେଷ କରି ଉତ୍ତର ଭାରତରେ ଏହାର ପ୍ରଭାବ ବେଶି ଅନୁଭୂତ ହେବ ।





## ସ୍ୱାସ୍ଥ୍ୟ

ରୋଗକାରକ ଗ୍ରହ ଲଗ୍ନାଧିପତି ଓ ଅଷ୍ଟାଧିପତି ହେତୁ, ଶତ୍ରୁ ରାଶି କର୍କଟରେ ଅବସ୍ଥାନ କରି ରବି, ଶନି ଚନ୍ଦ୍ର ଯୁକ୍ତ ହେତୁ ଓ ମଙ୍ଗଳ ଅଷ୍ଟମ ଭାବକୁ ପୂର୍ଣ୍ଣଦୃଷ୍ଟି ଯୋଗୁଁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସେତେଟା ଶୁଭ ଫଳ ମିଳିବ ନାହିଁ । ଅଜଣା ରୋଗ, ଦୂଷିତ ବାୟୁ ମଣ୍ଡଳ, ନକଲି ଔଷଧର ପ୍ରାଦୁର୍ଭାବ ତଥା ନକଲି ଡାକ୍ତରଙ୍କ ଆଧିପତ୍ୟ ହେତୁ ଜନସାଧାରଣ ଜୀବନ ଶୈଳୀକୁ ଅତିମାତ୍ରାରେ କୁଫଳ ପ୍ରଦାନ କରିବ । ବେଆଇନ୍ ଡାକ୍ତରଖାନା, ନର୍ସିଂ ହୋମ ଏବଂ ଔଷଧ ଦୋକାନର ପତିଆରା ବୃଦ୍ଧି ପାଇବ । ସରକାରୀକଳର ଅପାରଗତା ଯୋଗୁଁ ଜନସାଧାରଣ ହନ୍ତସନ୍ତ ହେବେ । ତଥାପି ଜନସ୍ୱାସ୍ଥ୍ୟର ସୁରକ୍ଷା ନିମନ୍ତେ ନୂତନ ଔଷଧ ଉଦ୍ଭାବନ କ୍ଷେତ୍ରରେ ଭାରତ ଅଗ୍ରଣୀ ଭୂମିକା ଗ୍ରହଣ କରିବ । ସ୍ୱାସ୍ଥ୍ୟ କ୍ଷେତ୍ରରେ ବିନିଯୋଗ ଅର୍ଥ ବାଟମାରଣା ହେବା ସହିତ ଚିକିତ୍ସକମାନେ ରୋଗ ନିଦାନରେ ବହୁ କ୍ଷେତ୍ରରେ ଅବହେଳା କରିବେ । ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟୟ ହେବ ।

## ସୀମାରେ ଅସ୍ଥିରତା

ସପ୍ତମସ୍ଥ ମଙ୍ଗଳ ରାହୁଙ୍କ ପୂର୍ଣ୍ଣଦୃଷ୍ଟି ହେତୁ, ଜାନୁଆରୀ, ଅପ୍ରେଲ,ମଇ, ଜୁଲାଇ, ଅଗଷ୍ଟ ଓ ଡିସେମ୍ବର ମାସରେ ସୀମାରେ ଚରମ ଅସ୍ଥିରତା ଲାଗି ରହିବ । ଏହି ସମୟ ମଧ୍ୟରେ ଭାରତ ତାହାର ବନ୍ଧୁ ରାଷ୍ଟ୍ରଗୁଡ଼ିକର ସହଯୋଗ ପାଇ ତା'ର ସାମରିକ ଶକ୍ତି କ୍ଷମତାର ଶ୍ରେଷ୍ଠ ପ୍ରଦର୍ଶନ କରିବା ବହୁ ସମ୍ଭାବନା ରହିଛି । ରାଷ୍ଟ୍ର ମୁଖ୍ୟଆଙ୍କ ବ୍ୟକ୍ତିଗତ ଜ୍ଞାନ, ସମ୍ମୋହନ ବ୍ୟବହାର ଉତ୍ତମ ନିର୍ଭିକ ଚିନ୍ତା ଦ୍ୱାରା ବୈଦେଶିକ ନୀତିର ଦୂରଦର୍ଶୀ ଚିନ୍ତାଧାରା ଯୋଗୁଁ ସୀମାରେ ଶାନ୍ତି ଶୃଙ୍ଖଳା ବଜାୟ ରହିବ । ବହୁ ସମୟରେ ସୀମାରେ ଅସ୍ଥିରତା ସୃଷ୍ଟି ହେଲେ ମଧ୍ୟ ଭାରତ ପ୍ରତି ସେଭଳି ବଡ଼ ଧରଣର କ୍ଷୟକ୍ଷତି ହେବାର ଆଶଙ୍କା ନାହିଁ ।

## ଶିକ୍ଷା

ଶିକ୍ଷା କ୍ଷେତ୍ରରେ ଭାରତ ବିକାଶଶୀଳ ହେବ । ବୈଦିକ ଶିକ୍ଷାର ପୁନଃପ୍ରଚଳନ ହେବ । ସଦାସର୍ବଦା ଅଭୂତପୂର୍ବ ସଫଳତା ମିଳିବ । କାରିଗରୀ ଓ ବୈଷୟିକ ଶିକ୍ଷା, ଚିକିତ୍ସା ପଦ୍ଧତି, ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ଯଥେଷ୍ଟ ବିକାଶ ଘଟିବା ଦ୍ୱାରା ସାରା ବିଶ୍ୱରେ ପ୍ରତ୍ୟେକ କ୍ଷେତ୍ରରେ ଭାରତ ଉଚ୍ଚ ପ୍ରଶଂସିତ ହେବ ।

## ଦରଦାମ

ଆୟର ଅଧିପତି ବୃହସ୍ପତି ଷଷ୍ଠା ଓ ଦ୍ୱାଦଶ (ଖର୍ଚ୍ଚ) ଅଧିପତି ଧନ ସ୍ଥାନରେ ଥିବା ଯୋଗୁଁ ଦରଦାମ ଅତ୍ୟଧିକ ବୃଦ୍ଧି ପାଇବ । ଅସାଧୁ ବ୍ୟବସାୟୀଙ୍କ ମନମୁଖୀ କାର୍ଯ୍ୟକଳାପ, ସରକାରୀ କଳର ଅନିୟନ୍ତ୍ରିତ ଓ ଅପରିମାଣଦର୍ଶୀ ମନୋଭାବ ଯୋଗୁଁ ବିନାକାରଣରେ ଅହେତୁକ ଦରଦାମ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଖଣିଜ ଦ୍ରବ୍ୟ, ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ, ସୁନା, ରୁପା, ପେଟ୍ରୋଲ, ଡିଜେଲ ଦର ଅସ୍ଥିରତା ମଧ୍ୟ ଦେଇ ଗତି କରିବ । ବାରମ୍ବାର ଖାଦ୍ୟ ସଂକଟ ଦେଖା ଦେବ । ସରକାରୀ କଳର ବ୍ୟବସାୟୀଙ୍କ ଉପରେ କୋହଳ ମନୋଭାବ ଯୋଗୁଁ କୃତ୍ରିମ ଖାଦ୍ୟାଭାବ ଦେଖାଦେବ । ଜନସାଧାରଣ କିଂକର୍ତ୍ତବ୍ୟବିମୂଢ଼ ହୋଇ ରହିବେ ।

## ଅର୍ଥନୈତିକ ବ୍ୟବସ୍ଥା

ଅର୍ଥଭାବକୁ ବୃହସ୍ପତିଙ୍କ ପୂର୍ଣ୍ଣଦୃଷ୍ଟି ହେତୁ ଓ ରାହୁଙ୍କ ଦୃଷ୍ଟି ହେତୁ ଅର୍ଥନୈତିକ ବ୍ୟବସ୍ଥା ଉଭୟ ଶୁଭ ଓ ଅଶୁଭ ଫଳ ମିଳିବ । ଅନ୍ତର୍ଜାତୀୟସ୍ତରରେ ଅନେକ ଦେଶର ଶିଳ୍ପ ସଂସ୍ଥାମାନେ ନିଜର ବାଣିଜ୍ୟ ବିସ୍ତାର କରିବେ । ଭାଗୀଦାରି ତଥା ଯୌଥ ବ୍ୟବସାୟରେ ପ୍ରଭୃତ ଉନ୍ନତି ରହିବ । ବର୍ଷର ଶେଷାର୍ଦ୍ଧରେ ଅର୍ଥନୈତିକ ବ୍ୟବସ୍ଥାର ସୁଧାର ଆସିବା ସହ ଭାରତର ମାନ ସମ୍ମାନ ବୃଦ୍ଧି ପାଇବ । ପୁରୁଣା ତଥା ଅଚଳ ଶିଳ୍ପର ପୁନଃରୁଦ୍ଧାର ହେବ । ବିଦେଶରେ ଭାରତର ବ୍ୟବସାୟୀକରଣ ସାମଗ୍ରୀର ଚାହିଦା ରହିବ । ଭାରତ ଅନେକ ଦେଶକୁ ସାହାଯ୍ୟ କରିବାକୁ ଯାଇ ବହୁ କ୍ଷତି ସହିବ । ଅର୍ଥନୈତିକ ଅବସ୍ଥା ସେଭଳି କୌଣସି ବଡ଼ ଧରଣର ବିପର୍ଯ୍ୟୟ ଘଟିବାର ସମ୍ଭାବନା ନାହିଁ ।



## ରାଜନୈତିକ ପରିସ୍ଥିତି

ରାଜନୀତି ଶାସନ କ୍ଷେତ୍ରରେ କୌଣସି ଆଖିଦୃଶିଆ ବିପର୍ଯ୍ୟୟ ଘଟିବାର ସମ୍ଭାବନା ନାହିଁ । ସପ୍ତମ ଭାବ ବିରୋଧୀ ଦଳ ଉପରେ ବୃହସ୍ପତି ସପ୍ତମପତି ମଙ୍ଗଳଙ୍କୁ ପୂର୍ଣ୍ଣଦୃଷ୍ଟି ଓ ମଙ୍ଗଳ ଉପରେ ରାହୁଙ୍କ ପୂର୍ଣ୍ଣଦୃଷ୍ଟି ଥିବା ହେତୁ ରାଜନୈତିକ ବ୍ୟକ୍ତିମାନେ ପରସ୍ପର ପ୍ରତି ଅସହଯୋଗ ଓ ଅପରିମାଣଦର୍ଶୀ କାର୍ଯ୍ୟକଳାପ ଯୋଗୁଁ ଲୋକମାନଙ୍କ ଦାବି ଓ ସମସ୍ୟାଗୁଡ଼ିକ ଶାସକ ଦଳ ନିକଟରେ ସତ୍‌ସାହସ ପୂର୍ବକ ଠିକ୍ ଉପସ୍ଥାପନା କରିବାରେ ଅସମର୍ଥ ହେବେ । ଜାନୁଆରୀ, ଅପ୍ରେଲ, ମଇ, ଜୁଲାଇ ଓ ଅଗଷ୍ଟ ମାସ ମଧ୍ୟରେ ବରିଷ୍ଠ ରାଜନୈତିକ ବ୍ୟକ୍ତିଙ୍କ ଗୁରୁତର ସ୍ୱାସ୍ଥ୍ୟହାନି ଏପରିକି ଜୀବନହାନି ଘଟିବାର ବହୁ ସମ୍ଭାବନା ରହିଛି । ଜାତୀୟ, ଅନ୍ତର୍ଜାତୀୟସ୍ତରରେ ତଥା ସାରା ବିଶ୍ୱରେ ଭାରତର ମାନ ସମ୍ମାନ ବୃଦ୍ଧି ପାଇବ । ବିଶେଷତଃ ବିରୋଧୀ ଶୂନ୍ୟ ରାଜନେତାମାନେ ନିଜକୁ ଅସହାୟ ମନେ କରିବା ଦ୍ୱାରା ରାଷ୍ଟ୍ରର ଅଭିଜ୍ଞ ରାଜନେତାମାନେ ଏକଚ୍ଛତ୍ରବାଦ ଶାସନ ଚଳାଇବା ଦ୍ୱାରା ଦେଶର ବିକାଶରେ ବାଧା ସୃଷ୍ଟି ହେବ ।

# ୨୦୨୬ ଓଡ଼ିଶାର ଭବିଷ୍ୟ







## କୃଷି

ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ, ଅସନ୍ତୁଳିତ ବାତାବରଣ ହେତୁ କୃଷି କ୍ଷେତ୍ରରେ ଆଶାନୁରୂପ ଭାବରେ ଲାଭ ମିଳିବ ନାହିଁ। କୃଷିଜାତ ଦ୍ରବ୍ୟ ଅହେତୁକ ବୃଦ୍ଧି ପାଇବ। କୃଷି ସମ୍ପଦ ନଷ୍ଟ ହେବ। ଖାଦ୍ୟାଭାବ ଦେଖାଦେବ। ଆମାଦାନୀ ରପ୍ତାନୀ କ୍ଷେତ୍ରରେ ବାଧା ସୃଷ୍ଟି ହେବ। ସରକାରୀ କଳ ଓ କୃଷକଙ୍କ ମଧ୍ୟରେ ବର୍ଷସାରା ମତାନ୍ତର ଓ ମନାନ୍ତର ଲାଗି ରହିବ। କୃଷି କ୍ଷେତ୍ରରେ ସରକାରୀସ୍ତରରେ ସମସ୍ତ ପ୍ରକାର ସହଯୋଗ ମିଳିଲେ ମଧ୍ୟ ତାହାର ଦୁରୂପଯୋଗ ଯୋଗୁଁ ଉଲ୍ଲେଖନୀୟ ସଫଳତା ମିଳିବ ନାହିଁ। ସାରର କୃତ୍ରିମ ଅଭାବ ଦେଖାଦେବ। ଠିକ୍ ସମୟ ମଧ୍ୟରେ କୃଷକମାନଙ୍କ ଚାହିଦା ସରକାରୀ କଳ ପୂରଣ କରିବାରେ ଅବହେଳା ପ୍ରଦର୍ଶନ କରିବେ।

**ଚଳିତ ଶକାବ୍ଦଃ ଇଂରାଜୀ ନବବର୍ଷ ତା : ୧-୧-୨୦୨୬ ପୁରୀର ଜନ୍ମକୁଣ୍ଡଳୀରେ ମଧ୍ୟରାତ୍ରକୁ ଲଗ୍ନ କନ୍ୟା, ରବି, ଚତୁର୍ଥସ୍ଥ ହୋଇ ଧନୁ ରାଶିରେ, ଚନ୍ଦ୍ର ନବମସ୍ଥ ହୋଇ ବୃଷ ରାଶିରେ, ମଙ୍ଗଳ ଚତୁର୍ଥ ହୋଇ ଧନୁ ରାଶିରେ, ବୁଧ ଚତୁର୍ଥ ହୋଇ ଧନୁ ରାଶିରେ, ବୃହସ୍ପତି ଦଶମସ୍ଥ ହୋଇ ମିଥୁନ ରାଶିରେ, ଶୁକ୍ର ଚତୁର୍ଥସ୍ଥ ହୋଇ ଧନୁ ରାଶିରେ, ଶୁକ୍ର ଚତୁର୍ଥସ୍ଥ ହୋଇ ଧନୁ ରାଶିରେ, ଶନି ସପ୍ତମ ହୋଇ ମୀନ ରାଶିରେ, ରାହୁ ଷଷ୍ଠସ୍ଥ ହୋଇ କୁମ୍ଭ ରାଶିରେ ଓ କେତେ ଦ୍ୱାଦଶସ୍ଥ ହୋଇ ସିଂହ ରାଶିରେ ଅବସ୍ଥାନ କରିଛନ୍ତି। ଶୁଭଯୋଗ ବାଳକ କରଣ ହେତୁ ଓଡ଼ିଶାର ରାଜନୈତିକ, ଅର୍ଥନୈତିକ, ସାମାଜିକ, କୃଷି, ଶିଳ୍ପ, ବାଣିଜ୍ୟ, ଶିକ୍ଷା ତଥା ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ଗ୍ରହ, ନକ୍ଷତ୍ର କିଭଳି ପ୍ରଭାବ ପକାଇବ, ତାହାର ଏକ ସ୍ଥୂଳ ବିବରଣୀ ଏଠାରେ ପ୍ରଦାନ କରାଯାଇଛି।**

## ସ୍ୱାସ୍ଥ୍ୟ



ଷଷ୍ଠପତି କେନ୍ଦ୍ରରେ ଥାଇ ମଧ୍ୟ ରାହୁଙ୍କ ପୂର୍ଣ୍ଣଦୃଷ୍ଟି ହେତୁ ସ୍ୱାସ୍ଥ୍ୟ ଓ ଚିକିତ୍ସା କ୍ଷେତ୍ରରେ ସରକାର ବଦନାମ ହେବେ। ସ୍ୱାସ୍ଥ୍ୟ ଓ ଚିକିତ୍ସା ସମସ୍ୟା ଅଣାୟତ ହେବ। ସ୍ୱାସ୍ଥ୍ୟ କ୍ଷେତ୍ରର ବିନିଯୋଗ ହେଉଥିବା ଅର୍ଥ ବାଟବାରଣା ହେବା ଦ୍ୱାରା ସରକାରୀ ଯୋଜନାଗୁଡ଼ିକ କାର୍ଯ୍ୟକାରୀ ନ ହୋଇ ଅଧୁରା ହୋଇଯିବ। କୃତ୍ରିମ ଔଷଧର କାରବାର ବୃଦ୍ଧି ପାଇବା ସହ ଜୀବନ ରକ୍ଷାକାରୀ ଔଷଧ ବଜାର କୃତ୍ରିମ ଅନ୍ତର୍ଦ୍ଧାନ ହେବ। ଚିକିତ୍ସାଳୟରେ ଡାକ୍ତରମାନଙ୍କର ଅଭାବ ଦେଖାଦେବ। ଡାକ୍ତରମାନଙ୍କ ଥଇଥାନ କରିବା ଦିଗରେ ସରକାର ବିଫଳ ହେବେ। ଚିକିତ୍ସା ଗୁଣାତ୍ମକ ମାନ କମିଯିବ। ଓଡ଼ିଶାରେ ନକଲି ଡାକ୍ତର ଓ ନକଲି ଔଷଧର କାରବାର ଅହେତୁକ ଭାବରେ ବୃଦ୍ଧି ପାଇବ।

## ଶିକ୍ଷା

ବିଦ୍ୟାଧିପତି ବୁଧ, ଶୁକ୍ରଙ୍କ ଜ୍ଞାନାଧିପତି ବୃହସ୍ପତି ପୂର୍ଣ୍ଣଦୃଷ୍ଟି ହେଲେ ମଧ୍ୟ ବୃହସ୍ପତି ରାହୁଙ୍କ ପୂର୍ଣ୍ଣଦୃଷ୍ଟି ହେତୁ, ଶିକ୍ଷା କ୍ଷେତ୍ରରେ ଶାସକ ଦଳ, ବିରୋଧୀ ଦଳ, ଶିକ୍ଷାବିତ୍ ଓ ନେତୃତ୍ୱ ନେଇଥିବା ବ୍ୟକ୍ତି ବିଶେଷମାନଙ୍କର ଆନ୍ତରିକ ବୁଝାମଣାର ଅଭାବ ଓ ମତପାର୍ଥକ୍ୟ ଯୋଗୁଁ ଶିକ୍ଷାକ୍ଷେତ୍ରରେ ତ୍ରିଶଙ୍କୁ ଅବସ୍ଥାରେ ଝୁଲି ରହିବ। ତଥାପି ବୃହସ୍ପତିଙ୍କୁ ପୂର୍ଣ୍ଣ ଦୃଷ୍ଟି ଥିବା ହେତୁ ଲୁପ୍ତ ହୋଇଥିବା ବିଦ୍ୟାଳୟଗୁଡ଼ିକ ପୁନର୍ବାର, ନୂତନ ଭେଷଜ ମହାବିଦ୍ୟାଳୟ ଓ ଯାନ୍ତ୍ରିକ ମହାବିଦ୍ୟାଳୟ ଖୋଲିବା ଦ୍ୱାରା ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ମାନମର୍ଯ୍ୟାଦା ବୃଦ୍ଧି ପାଇବ। ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହେଲେ ମଧ୍ୟ ଶିକ୍ଷାବିତ୍‌ମାନଙ୍କ ଅଭାବ ସଦାସର୍ବଦା ଲାଗି ରହିବ।





## ବାଣିଜ୍ୟ



ବାଣିଜ୍ୟକାରକ ଗ୍ରହ ସପ୍ତମାଧିପତି ଚତୁର୍ଥରେ ଥିବା ହେତୁ ଓ ବୃହସ୍ପତି ଦୃଷ୍ଟ ହେତୁ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଅପ୍ରତ୍ୟାଶିତ ଭାବରେ ପ୍ରଗତି ଘଟିବ। ରୁଗ୍‌ଣ ଶିଳ୍ପର ପୁନରୁଦ୍ଧାର ହେବ। ନୂତନ ଶିଳ୍ପ ପ୍ରତିଷ୍ଠା ହେବ। ତଥାପି ଦ୍ୱିତୀୟ ତଥା କର୍ମଭାବକୁ ରାହୁଙ୍କ ପୂର୍ଣ୍ଣଦୃଷ୍ଟ ହେତୁ ଖାଦ୍ୟ ସାମଗ୍ରୀ ପାଇଁ ବର୍ଷସାରା ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବା ସହ ଦରଦାମ ନିୟନ୍ତ୍ରଣ କରିବାରେ ସରକାର ସଂପୂର୍ଣ୍ଣ ରୂପେ ବିଫଳ ହେବେ। ସରକାରୀ କଳ ଓ ଅସାଧୁ ବ୍ୟବସାୟୀଙ୍କ ମଧୁଚନ୍ଦ୍ରିକା ହେତୁ ଅସାଧୁ ବ୍ୟବସାୟୀଙ୍କ ବାଣିଜ୍ୟ ବ୍ୟବସାୟରେ ଉନ୍ନତି କରିବେ। ବାହାର ଦେଶର ପୁଞ୍ଜି ନିବେଶକାରୀମାନେ ଓଡ଼ିଶାରେ ପୁଞ୍ଜି ନିବେଶ କରି ବାଣିଜ୍ୟ କ୍ଷେତ୍ରରେ ସଫଳତା ପାଇବେ।

## ପ୍ରାକୃତିକ ବିପର୍ଯ୍ୟୟ



ଲଗ୍ନ ଭାବକୁ କୌଣସି ଗ୍ରହ ଦେଖୁ ନଥିବାରୁ ଓ ଷଷ୍ଠସ୍ଥ ରାହୁ ଯୋଗୁଁ ବର୍ଷତମାମ ପ୍ରାକୃତିକ ବିପର୍ଯ୍ୟୟ, ଦଙ୍ଗାହଙ୍ଗାମା, ଅଗ୍ନିକାଣ୍ଡ, ବାରମ୍ବାର ଯାନବାହନ ଦୁର୍ଘଟଣା, ଅଶାନ୍ତ ବାତାବରଣ, ଅଭାବ ଅନଟନ, ଅଜଣା ରୋଗର ପ୍ରାଦୁର୍ଭାବ, ହିଂସାତ୍ମକ ପରିସ୍ଥିତି ଓ ବାୟୁଜନିତ ପ୍ରଦୂଷଣ ପ୍ରବଳ ମାତ୍ରାରେ ଦେଖାଦେବ। ସରକାରୀ କଳର ରାଜନେତାମାନଙ୍କ ଅହଂଭାବ ଓ ଠିକ୍ ସମୟରେ ପଦକ୍ଷେପ ନେବାର ଅସମର୍ଥ ହେତୁ ସରକାର ସମସ୍ତ କ୍ଷେତ୍ରରେ ବଦନାମ ହେବେ। ଜନ ଅସନ୍ତୋଷ ବୃଦ୍ଧି ପାଇବ। ■




ଭବିଷ୍ୟ ସିଦ୍ଧାନ୍ତ, ତେହେରାନପୁର, ଆଇ.ଟି. ଆଇ. ରୋଡ୍
ଏଫ୍.ସି.ଆଇ., ତାଳଚେର, ଜି: ଅନୁଗୋଳ
ମୋ: ୯୯୩୭୭୯୭୭୦୭

# ବାର୍ଷିକ ରାଶିଫଳ ୨୦୨୬



ନବ ବର୍ଷ ୨୦୨୬ । ନୂତନ ବର୍ଷ ଅୟମାରମ୍ଭରେ, ସିଦ୍ଧାର୍ଥୀ ସମ୍ବତ୍ସରରେ ସୌରମାନ ଧନୁ ୧୮ ଦିନ ଚାନ୍ଦ୍ରମାନ ପୌଷ ଶୁକ୍ଳପକ୍ଷ ଦଶମୀ ତିଥି ରୋହିଣୀ ନକ୍ଷତ୍ର ବୃଷ ଚନ୍ଦ୍ର, ଶୁଭଯୋଗ, ବାଳକ କରଣ ଗୁରୁବାର ଜାନୁଆରୀ ୧ ତାରିଖ ମଧ୍ୟ ରାତ୍ରି ଜନ୍ମଜାତକରେ କନ୍ୟାଲଗ୍ନ, ଚତୁର୍ଥ ଧନୁ ରାଶିରେ ରବି ପୂର୍ବାଷାଢ଼ା ନକ୍ଷତ୍ର, ମଙ୍ଗଳ ପୂର୍ବାଷାଢ଼ା ନକ୍ଷତ୍ରରେ ବୁଧ ମୂଳା ନକ୍ଷତ୍ରରେ ଶୁକ୍ର ପୂର୍ବାଷାଢ଼ାରେ ଷଷ୍ଠରେ ରାହୁ ଶତଭିଷା ନକ୍ଷତ୍ର କୁମ୍ଭ ରାଶିରେ, ଶନି ପୂର୍ବାଭାଦ୍ରା ନକ୍ଷତ୍ର ମୀନ ରାଶିରେ, ଚନ୍ଦ୍ର ବୃଷରାଶିରେ, ବୃହସ୍ପତି ଦଶମସ୍ଥ ହୋଇ ପୁର୍ନବସୁ ମିଥୁନ ରାଶିରେ ଓ କେତୁ ଦ୍ୱାଦଶରେ ପୂର୍ବ ଫାଲଗୁନୀ ନକ୍ଷତ୍ର ସିଂହ ରାଶିରେ ଅବସ୍ଥାନ କରିଛନ୍ତି । ଅତଏବ ଏହାକୁ ବିଚାରକୁ ନେଇ ୨୦୨୬ ମସିହାରେ କିଭଳି ରହିବ ରାଶି ନକ୍ଷତ୍ରଙ୍କ ପ୍ରଭାବ । କାହା ପାଇଁ ରହିଛି ଶୁଭ ଓ ଅଶୁଭ ସୂଚକ । କେଉଁ ରାଶିର ବ୍ୟକ୍ତିଙ୍କ ଜୀବନରେ ନୂତନ ବର୍ଷ ଆଣି ଦେବ ସୁଖ, ସମୃଦ୍ଧି, ଆନନ୍ଦ, ଉଲ୍ଲାସ । ନୂତନ ବର୍ଷ ପାଇଁ, ରାଶି ଅନୁଯାୟୀ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ, ପାରିବାରିକ ଜୀବନ, ସାମାଜିକ ପ୍ରତିଷ୍ଠା, ଅର୍ଥନୈତିକ ଅବସ୍ଥା ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ କିଭଳି ସ୍ଥିତି ରହିବ, ଏହାକୁ ଜ୍ୟୋତିଷଶାସ୍ତ୍ର ଗଣନା ଆଧାରରେ ସମ୍ୟକ୍ ସ୍ଥୂଳ ଭବିଷ୍ୟବାଣୀ ଏଠାରେ ଉପସ୍ଥାପନା କରାଯାଇଛି ।



## ମେଷ

**ସ୍ୱାସ୍ଥ୍ୟ** : ଜନ୍ମରାଶିଠାରୁ ରୋଗାଧିପତି ବୁଧ ନବମସ୍ଥ ହୋଇ ବୃହସ୍ପତି ଦୃଷ୍ଟି ଦେଉଥିବା ହେତୁ ବର୍ଷସାରା ସ୍ୱାସ୍ଥ୍ୟକ୍ଷେତ୍ରରେ ଅତିଶୁଭଫଳ ପ୍ରଦାନ କରିବ । ଆଳସ୍ୟ, ଖାଦ୍ୟପେୟର ଅସଂଯମତା ତଥା ବହୁ ଭ୍ରମଣ ଯୋଗୁଁ ବର୍ଷର ପ୍ରଥମାର୍ଦ୍ଧରେ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ଦ୍ୱିତୀୟାର୍ଦ୍ଧରେ ମଧୁମେହ, ବର୍ଣ୍ଣ, ରକ୍ତଚାପର ପ୍ରାଦୁର୍ଭାବ ଦେଖାଦେବ । ପୁରୁଣା ରୋଗର ତୀବ୍ର ପ୍ରକୋପ ଯୋଗୁଁ ପୁରାତନ ରୋଗୀମାନଙ୍କ ଭିତରେ ମାନସିକ ଅସ୍ଥିରତା ତଥା ନୈରାଶ୍ୟ ମନୋଭାବ ଦେଖାଦେବ ।

**ପରିବାର** : ବର୍ଷସାରା ପାରିବାରିକ ଜୀବନ ସୁଖମୟ ହେବା ସହ ଦାରିଦ୍ର୍ୟରେ ମାଙ୍ଗଳିକ କାର୍ଯ୍ୟ ସଂପାଦନ ହେବ । ପରିବେଶ ଓ ପାରିପାର୍ଶ୍ୱିକ ସ୍ଥିତି ସହ ପାଖ ପଡ଼ୋଶୀ ସହ ଉତ୍ତମ ବୁଝାମଣା ଠିକ୍ ରହିବ । ସବୁ କ୍ଷେତ୍ରରେ ମୁଖିଆଭାବେ ସମ୍ମାନିତ ହେବେ । ବର୍ଷର ଶେଷ ଭାଗରେ ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ସର୍ବଦା ମାନସିକ ଅଶାନ୍ତି ଭୋଗ କରିବେ । ଜିଦ୍‌ଖୋର ମନୋଭାବ ଯୋଗୁଁ ଦ୍ୱନ୍ଦ୍ୱ ଦେଖାଦେବ ।

**ସାମାଜିକ ପ୍ରତିଷ୍ଠା** : ଭାଗ୍ୟାଧିପତି ଭାଗ୍ୟକ୍ଷେତ୍ରକୁ ପୂର୍ଣ୍ଣଦୃଷ୍ଟି ହେତୁ ସାମାଜିକ କ୍ଷେତ୍ରରେ ସମସ୍ତ ଦିଗରୁ ତଥା ନିଜର ପ୍ରଭାବଶାଳୀ ନେତୃତ୍ୱ ଯୋଗୁଁ, ନିଜର ଲୋକପ୍ରିୟତା ଆଶାତୀତ ଭାବରେ ବୃଦ୍ଧିପାଇବ । ମାନସିକ ଶାନ୍ତି ମିଳିବା ସହ ରାଜନୀତି କ୍ଷେତ୍ରରେ ନିଜର ପତିଆରା ବୃଦ୍ଧି ପାଇବ । ମାଲି ମକଦ୍ଦମାରେ ଜୟଯୁକ୍ତ ହେବେ । ପୁରୁଣା ସମସ୍ୟାର ଆଶୁ ସମାଧାନ ହେବ । ବହୁ ତୀର୍ଥ ସ୍ଥଳ ତଥା ବହୁ ଦେଶ ବିଦେଶ ଭ୍ରମଣର ସୁଯୋଗ ମିଳିବ ।

**ଅର୍ଥନୈତିକ ଅବସ୍ଥା** : ଧନାଧିପତି ନବମସ୍ଥ ହୋଇ ବୃହସ୍ପତି ପୂର୍ଣ୍ଣ ଦେଉଥିବା ହେତୁ ଓ ଆୟପତି ବର୍ଷସାରା ବ୍ୟୟ ସ୍ଥାନରେ ଥିବା ହେତୁ ବର୍ଷର ପ୍ରଥମାର୍ଦ୍ଧରେ ଆୟ ଆଶାତୀତ ବୃଦ୍ଧି ପାଇଲେ ମଧ୍ୟ ଦ୍ୱିତୀୟାର୍ଦ୍ଧରେ ବିଭିନ୍ନ ପୀଡ଼ାରେ ବହୁ ଖର୍ଚ୍ଚାନ୍ତ ହେବେ । ଆଶା କରୁ ନଥିବା ଦିଗରୁ ଅର୍ଥାଗମନର ସୁଅ ଛୁଟିବ । ସରକାରୀ କଳରୁ ଉପକୃତ ହେବା ସହ ଚାକିରିରେ ପଦୋନ୍ନତି ପାଇବାର ବହୁ ସୁଯୋଗ ମିଳିବ । ଯାନବାହନ, ଭୂମିକ୍ରୟ ତଥା ନୂଆ ଘର ତିଆରି କରିବାର ବହୁ ସୁଫଳ ପାଇବେ ।

**ଛାତ୍ରଛାତ୍ରୀ** : ଭାଗପତି ତଥା ବିଦ୍ୟାଧିପତି ବୁଧ ଓ ବୃହସ୍ପତି ପରସ୍ପର ଦୃଷ୍ଟି ବିନିଯୋଗୁ ହେତୁ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ପରୀକ୍ଷାରେ ବହୁମାତ୍ରାରେ କୃତକାର୍ଯ୍ୟ ହେବେ । ଗବେଷଣା ଶିକ୍ଷା ତଥା ଉଚ୍ଚଶିକ୍ଷା ପାଇଁ ବିଦେଶ ଯିବାର ଆଶାତୀତ ସୁଯୋଗ ମିଳିବ ।



### ଦୈବୀ ପ୍ରତିକାର

ପ୍ରତ୍ୟେହ ହଳଦୀ ଚନ୍ଦନ ଜଳରେ ସ୍ନାନ କରନ୍ତୁ । 'ଇଂ' ମନ୍ତ୍ର ମନେ ମନେ ବାରମ୍ବାର ଜପ କରନ୍ତୁ । ଆଶ୍ଚର୍ଯ୍ୟଜନକ ଭାବେ ସମସ୍ତ ସମସ୍ୟାର ସମାଧାନ ହେବ ।







## ବୃଷ

**ସ୍ୱାସ୍ଥ୍ୟ** : ରୋଗାଧିପତି ଶୁକ୍ର ଷଷ୍ଠସ୍ଥାନର ଅଧିପତି ଅଷ୍ଟମରେ ଥାଇ ଏକାଦଶାଧିପତି ବୃହସ୍ପତିଙ୍କ ପୂର୍ଣ୍ଣଦୃଷ୍ଟି ହେତୁ ମିଶ୍ରିତ ଫଳ ପାଇବେ। ସଦାସର୍ବଦା ମାନସିକ ଅବସାଦ ଓ ଅସୁସ୍ଥତା ଲାଗି ରହିବା ଯୋଗୁଁ ମନର ସ୍ଥିରତା ସାହସିକତା ତଥା ସୌନ୍ଦର୍ଯ୍ୟର ଅଭାବ ଦେଖାଦେବ। ପୁରାତନ ରୋଗୀମାନେ ଆରୋଗ୍ୟ ଲାଭ କରିବେ। ବିଶେଷ କରି ସ୍ନାୟୁଗତ ଦୁର୍ବଳତା, ଯକୃତ, ମୁତ୍ରାଶୟ, ଲିଭର୍ ଓ ମଧୁମେହ ରୋଗକୁ ଅଣଦେଖା କରିବା ଉଚିତ ନୁହେଁ।

**ପରିବାର** : ଚତୁର୍ଥାଧିପତି ଅଷ୍ଟମ ହେବା ଯୋଗୁଁ ପରିବେଶ ଓ ପାରିପାର୍ଶ୍ୱିକ ସ୍ଥିତି ପ୍ରତିକୂଳ ରହିବ। ଆତ୍ମୀୟ ସ୍ୱଜନ, ବନ୍ଧୁବର୍ଗ ତଥା ସନ୍ତାନମାନଙ୍କ ଅସହଯୋଗ ଯୋଗୁଁ ମନ ଭାରାକ୍ରାନ୍ତ ରହିବ। ମାନସିକ ଧୈର୍ଯ୍ୟ, ଶାଳୀନତା ତଥା ସଂଯମ ରକ୍ଷା କରିପାରିଲେ ବହୁ ସମସ୍ୟାରୁ ମୁକ୍ତି ପାଇବେ। କୋର୍ଟ କଚେରି ମାମଲାଠାରୁ ଦୂରେଇ ରହିବା ଉଚିତ ହେବ। ଶତ୍ରୁମାନଙ୍କୁ ଅଣ ଦେଖା ନ କରି ବହୁ ସତର୍କତା ଅବଲମ୍ବନ କଲେ ମାନସିକ ଶାନ୍ତି ମିଳିବ।

**ସାମାଜିକ ପ୍ରତିଷ୍ଠା**: ବୃଷ ରାଶିକୁ ଚତୁର୍ଥ କେତୁକୁ ରାହୁଙ୍କ ପୂର୍ଣ୍ଣ ଦୃଷ୍ଟି ତଥା ଚତୁର୍ଥାଧିପତି ଅଷ୍ଟମସ୍ଥ ଓ କର୍ମପତି ଏକାଦଶସ୍ଥ ହେତୁ ସାମାଜିକ ପ୍ରତିଷ୍ଠା ଦିଗରେ ଉଭୟ ଶୁଭ ଓ ଅଶୁଭ ଫଳ ପାଇବେ। ବହୁ କ୍ଷେତ୍ରରେ ମାନସିକ ଶାନ୍ତି ମିଳିବା ସହ ସମସ୍ତଙ୍କଠାରୁ ସ୍ନେହ, ସହଯୋଗ, ସୌହାର୍ଦ୍ଦ୍ୟ ତଥା ଉତ୍ସାହ ଦ୍ୱାରା ନିଜର ପତିଆରା ବୃଦ୍ଧି ପାଇଲେ ମଧ ପାରିବାରିକ କନ୍ଦଳ ଯୋଗୁଁ ମାନସିକ ଶାନ୍ତି ବ୍ୟାହତ ହେବ। ମାଲି-ମକଦ୍ଦମାରେ ନିଜର ସାମାଜିକ ଭାବମୂର୍ତ୍ତି ଉଜ୍ଜ୍ୱଳ ହେବ।

**ଅର୍ଥନୈତିକ ଅବସ୍ଥା** : ଧନାଧିପତି ଧନ ଜାଗାକୁ ଦେଖୁଥିବା ଯୋଗୁଁ ଅର୍ଥନୈତିକ ଅବସ୍ଥାରେ ଆତ୍ମସନ୍ତୋଷ ଲାଭ ପାଇବେ। ଆଶା କରୁନଥିବା ଦିଗରୁ ଅର୍ଥପ୍ରାପ୍ତି ହେବ। କର୍ମଜୀବୀମାନଙ୍କ ଆର୍ଥିକ ପଦୋନ୍ନତି ତଥା ଉପରିସ୍ଥ କର୍ମଚାରୀମାନଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ ହେବ। ନୂତନ ଯାନବାହନ କ୍ରୟ କରିବାର ସୁଯୋଗ ମିଳିବ। ବର୍ଷର ଦ୍ୱିତୀୟାର୍ଦ୍ଧରେ ଅନାବଶ୍ୟକ ବହୁ ଖର୍ଚ୍ଚାନ୍ତ ହେବାର ସମ୍ଭାବନା ଅଛି।

**ଛାତ୍ରଛାତ୍ରୀ** : ଭାଗ୍ୟ ଜାଗାର ଅଧିପତି ଏକାଦଶ ସ୍ଥାନରେ ଥିବା ହେତୁ ନିଜର ସ୍ୱତନ୍ତ୍ର ଅଧ୍ୟୟନ ଓ ଅଧ୍ୟବସାୟ ଯୋଗୁଁ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବା ସହ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଗସ୍ତ ଅନୁକୂଳ ରହିବ।

**ଦୈବୀ ପ୍ରତିକାର**
ପ୍ରତିଦିନ ଜଳରେ ତୁଳସୀ ଗଛର ମାଟି ମିଶାଇ ସ୍ନାନ କରନ୍ତୁ। ଶୁକ୍ରବାର ଦିନ ଗାଈକୁ ଖାଇବାକୁ ଦେବେ। ମନେ ମନେ 'ଲଂ' ବୀଜମନ୍ତ୍ର ଜପ କରନ୍ତୁ। ମାନସିକ ଶାନ୍ତି ପାଇବେ।





## ମିଥୁନ

**ସ୍ୱାସ୍ଥ୍ୟ** : ସ୍ୱାସ୍ଥ୍ୟଧିପତି ତ୍ରିକୋଣରେ ଥାଇ ବୃହସ୍ପତି ପୂର୍ଣ୍ଣ ଦୃଷ୍ଟି ଥିବା ହେତୁ ବର୍ଷର ପ୍ରଥମାର୍ଦ୍ଧରେ ସ୍ୱାସ୍ଥ୍ୟ ଉତ୍ତମ ରହିଲେ ମଧ ଅଗଷ୍ଟ ମାସଠାରୁ ବର୍ଷର ଶେଷଭାଗ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟହାନି ହେବାର ଆଶଙ୍କା ରହିଛି। ପ୍ରଥମାର୍ଦ୍ଧରେ ଉତ୍ତମ ସ୍ୱାସ୍ଥ୍ୟ ସହ ପୁରାତନ ରୋଗର ଆରୋଗ୍ୟ ଲାଭ କରିବେ। ମାନସିକ ସୁସ୍ଥତା ଅନୁଭବ କରିବେ। ବର୍ଷର ଶେଷ ଭାଗରେ ସାମୟିକ ଭାବରେ ଖାଦ୍ୟପେୟର ଅନିୟମିତତା ଯୋଗୁଁ ତାଳୁ, କର୍ଣ୍ଣ ନାସା, ଯକୃତ ତଥା ଚକ୍ଷୁ ରୋଗରେ ଆକ୍ରାନ୍ତ ହେବାର ବହୁ ସମ୍ଭାବନା ରହିଛି।

**ପରିବାର** : ଚତୁର୍ଥପତି ତଥା ଭାଗ୍ୟସ୍ଥାନକୁ ଦେବଗୁରୁ ବୃହସ୍ପତିଙ୍କ ପୂର୍ଣ୍ଣ ଦୃଷ୍ଟି ଥିବାରୁ ବର୍ଷସାରା ପାରିବାରିକ ଶାନ୍ତି ବଜାୟ ରହିବ। ପାଖପଡ଼ୋଶୀଙ୍କ ସହ ଉତ୍ତମ ବୁଝାମଣା ସହ ଭ୍ରାତୃବିବାଦର ସମାଧାନ ହେବ। ଗୃହରେ ଏକାଧିକ ମାଙ୍ଗଳିକ କାର୍ଯ୍ୟ ସଂପନ୍ନ ହେବା ସହ ସାଧୁସନ୍ଥ ତଥା ଗୁରୁଜମାନଙ୍କ ସହ ସୁସମ୍ପର୍କ ସ୍ଥାପନ ହେବ। ନିଜର ସତକର୍ମ ତଥା ପରିବାରରେ ସମସ୍ତଙ୍କ ସହଯୋଗ ହେତୁ ଧନ-ଜନ-ଗୋପ ଲକ୍ଷ୍ମୀ ପ୍ରାପ୍ତି ହେବାର ବହୁ ସମ୍ଭାବନା ଅଛି।

**ସାମାଜିକ ପ୍ରତିଷ୍ଠା** : ବର୍ଷର ପ୍ରାୟ ସମୟ ସମାଜରେ ଗୁରୁ ଦାୟିତ୍ୱ ବହନ କରିବା ହେତୁ ସାମାଜିକ ଭାବମୂର୍ତ୍ତି ବୃଦ୍ଧି ପାଇବା ସହ ନିଜର ଲକ୍ଷ୍ୟ ପୂରଣ ହେବ। ରାଜନୀତି କ୍ଷେତ୍ରରେ ଓ ସରକାରୀ କଳରୁ ଆଶାତୀତ ସମ୍ମାନିତ ହେବେ। ସ୍ୱାଧୀନତା ମନୋଭାବ, ଏକାଗ୍ରତା କଠୋର କର୍ମ ହେତୁ ସବୁ କ୍ଷେତ୍ରରେ ବିଜୟୀ ଲାଭ କରିବେ। ଭାଗ୍ୟ ସାଥ୍ ଦେବ। ଦୈବୀକୃପା ପ୍ରାପ୍ତି ହେବେ। ସାମାଜିକସ୍ତରରେ ଥିବା ପୁରୁଣା ମତ ମତାନ୍ତରର ଅନ୍ତ ଘଟିବା ସହ ମାଲିମକଦ୍ଦମାରେ ବିଜୟୀ ଲାଭ କରିବେ।

**ଅର୍ଥନୈତିକ ଅବସ୍ଥା** : ଅର୍ଥନୈତିକ କ୍ଷେତ୍ରରେ ବର୍ଷସାରା ଉଭୟ ଶୁଭ ଅଶୁଭ ଫଳ ପାଇବେ। ଋଣ ପରିଶୋଧ କରିବେ। ନିଜର ଦୂରଦୃଷ୍ଟି ଓ ଜ୍ଞାନ ବଳରେ ବିଭିନ୍ନ ଦିଗରୁ ଅର୍ଥ ଉପାର୍ଜନର ବାଟ ଦେଖାଦେବ। ସରକାରୀ କର୍ମଚାରୀ ଓ ବ୍ୟବସାୟୀମାନେ ଆର୍ଥିକ ସଞ୍ଚୟ ଯୋଜନାକୁ ପୂର୍ଣ୍ଣାଙ୍ଗ କରିବେ। ବର୍ଷର ଶେଷ ଭାଗକୁ ଆର୍ଥିକ ସ୍ୱଚ୍ଛଳତା ଲାଗି ରହିବ। ତଥାପି ଅଚାନକ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଖର୍ଚ୍ଚର ମାତ୍ରା ବଢ଼ି ଯିବ। ଧର୍ମାନୁଷ୍ଠାନ ତଥା ମାଙ୍ଗଳିକ କାର୍ଯ୍ୟ ପାଇଁ ଅନାବଶ୍ୟକ ଖର୍ଚ୍ଚର ଭାର ବୃଦ୍ଧି ପାଇବ।

**ଛାତ୍ରଛାତ୍ରୀ** : ଭାଗ୍ୟ ସ୍ଥାନକୁ ବୃହସ୍ପତି ତଥା ଭାଗ୍ୟପତି କର୍ମସ୍ଥ ହେତୁ ଛାତ୍ରଛାତ୍ରୀମାନେ ବର୍ଷ ସାରା ଶୁଭଫଳ ପାଇବେ। ସାକ୍ଷାତକାର ପରୀକ୍ଷାରେ କୃତକାର୍ଯ୍ୟ ହେବେ। ନୂତନ ଜ୍ଞାନକୌଶଳ ଲାଭ କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକପ୍ରିୟତା ଅର୍ଜନ କରିବେ।

**ଦୈବୀ ପ୍ରତିକାର**
ଦୈନିକ ଚନ୍ଦନ ଜଳରେ ସ୍ନାନ କରନ୍ତୁ। କପାଳରେ ହଳଦୀ ଟୀକା ଲଗାନ୍ତୁ। ଦୈନିକ 'ଯଂ' ମନ୍ତ୍ର ମନେ ମନେ ବାରମ୍ବାର ଜପ କରନ୍ତୁ।



## କର୍କଟ

**ସ୍ୱାସ୍ଥ୍ୟ** : ରୋଗାଧିପତି ଶଷ୍ଠ ହୋଇ ବୃହସ୍ପତିଙ୍କ ପୂର୍ଣ୍ଣଦୃଷ୍ଟି ହେତୁ ବର୍ଷ ସାରା ପୁରାତନ ରୋଗବ୍ୟାଧିରୁ ଆରୋଗ୍ୟ ଲାଭ କରିବେ। ମାନସିକ ଶାନ୍ତି ମିଳିବ। ମନୋବଳ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟବସ୍ଥା ବର୍ଷସାରା ମୋଟାମୋଟି ଭଲ ରହିବ। ମନର ସ୍ଥିରତା, ଧୈର୍ଯ୍ୟ ଓ ସାହସିକତା ଯୋଗୁଁ ଅନେକ ରୋଗ ଉପଶମ ହେବ। ଖାଦ୍ୟପେୟର ଅସଂଯମତା ଅଯଥା ଭ୍ରମଣ ତଥା ନିଜ ପ୍ରତି ଅବହେଳା କଲେ ସାମୟିକ ଭାବରେ ରକ୍ତଚାପ, ଚକ୍ଷୁ ଓ କର୍ଣ୍ଣରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି।

**ପରିବାର** : ଚତୁର୍ଥାଧିପତି ଏକାଦଶାଧିପତି ଏକତ୍ର ଥିବା ତଥା ଭାଗ୍ୟାଧିପତି ବୃହସ୍ପତି ପୂର୍ଣ୍ଣ ଦୃଷ୍ଟି ଥିବା ଯୋଗୁଁ ପାରିବାରିକ କ୍ଷେତ୍ରରେ ମିଶ୍ରିତ ଫଳ ପାଇବେ। ଦାମ୍ପତ୍ୟ କଳହ, ଭ୍ରାତୃବିବାଦ ସହ ପାଖ ପଡ଼ୋଶୀ ସହ ମତ ମତାନ୍ତର ଦେଖାଯିବା ହେତୁ ମାନସିକ ଚାପଗ୍ରସ୍ତ ରହିବେ। ସାହସିକତାର ଅଭାବ ପରିଲକ୍ଷିତ ହେବ। ଅତିଥି ଅଭ୍ୟାଗତଙ୍କ ବାରମ୍ବାର ଆଗମନ ହେତୁ, ଅଯଥା ଖର୍ଚ୍ଚାନ୍ତ ସହ ମାନସିକ ଅସ୍ଥିରତା ଲାଗି ରହିବ। ଜୁଲାଇ ପରେ ଅବସ୍ଥା ସୁଧୁରିବ। ସମସ୍ତ ସମସ୍ୟାର ସମାଧାନର ବାଟ ଦେଖାଦେବ।

**ସାମାଜିକ ପ୍ରତିଷ୍ଠା** : ଚତୁର୍ଥାଧିପତି ଓ କର୍ମାଧିପତି ଅଷ୍ଟମସ୍ଥ ହେତୁ ବର୍ଷର ପ୍ରଥମାର୍ଦ୍ଧରେ ବହୁ ଅଶୁଭ ଫଳ ପାଇବେ। ମାନସିକ ଅଶାନ୍ତି, ଶତ୍ରୁବୃଦ୍ଧି, ସମସ୍ତଙ୍କଠାରୁ ଅସହ ଯୋଗୁଁ ନିଜର ସ୍ୱତନ୍ତ୍ରତା ଉପରେ ଆଞ୍ଚ ଆସିବ। ଲୋକସଂପର୍କ ଅନୁକୂଳ ବାତାବରଣ ଦେଇ ଗତି କରିବ। ଅଗଷ୍ଟ ପରେ ଭାଗ୍ୟାଧିପତି ଭାଗ୍ୟ ଜାଗାକୁ ଦେଖୁଥିବା ହେତୁ ଗୁରୁଦାୟିତ୍ୱକୁ ସୂଚାର ରୂପେ ତୁଲାଇ ପାରିବେ। କୂଟନୈତିକ ତଥା ରାଜନୈତିକ କ୍ଷେତ୍ରରେ ସମସ୍ତଙ୍କଠାରୁ ଯଥେଷ୍ଟ ସାହାଯ୍ୟ ଓ ସହାନୁଭୂତି ପାଇବେ।

**ଅର୍ଥନୈତିକ ଅବସ୍ଥା** : ଧନର କାରକ ଦ୍ୱିତୀୟାଧିପତି ଭାଗ୍ୟାଧିପତିଙ୍କ ପୂର୍ଣ୍ଣ ଦୃଷ୍ଟି ହେତୁ ଅର୍ଥନୈତିକ କ୍ଷେତ୍ରରେ ସେତେଟା ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ଆୟବ୍ୟୟ ସମାନ ରହିବ। ଋଣ ପରିଶୋଧ କରି ନୂତନ ଋଣ କରିବେ। କର୍ମଜୀବୀମାନେ ସରକାରୀ କଳରୁ ଉପକୃତ ହେବେ। ବ୍ୟବସାୟୀମାନେ ବ୍ୟବସାୟରେ ଉତ୍ତମ ଫଳ ପାଇବେ। ସହନଶୀଳତା ତଥା ମାନସିକ ଧୈର୍ଯ୍ୟ ରକ୍ଷା କରି ପାରିଲେ ଅର୍ଥାଗମ ପାଇଁ ପ୍ରତିକୂଳ ପରିବେଶ ସୃଷ୍ଟି କରିପାରିବେ।

**ଛାତ୍ରଛାତ୍ରୀ** : ଛାତ୍ରଛାତ୍ରୀ : ନବମାଧିପତି ଦ୍ୱାଦଶ, ନବମରେ ଶନି ଥାଇ ରାହୁ ଦୁଷ୍ଟ ହେତୁ ଅଧ୍ୟୟନ, ଅଧ୍ୟବସାୟ ତଥା ପ୍ରତିଯୋଗିତାମୂଳକ ପରୀକ୍ଷାରେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ପରିବେଶ ପରିସ୍ଥିତି ଅନୁକୂଳ ରହିଲେ, ବର୍ଷର ଶେଷଭାଗରେ ନିଜର ପରିଶ୍ରମର ମୂଲ୍ୟ ହାସଲ କରିପାରିବେ।

**ଦୈବୀ ପ୍ରତିକାର**
ପ୍ରତ୍ୟେହ ହଳଦୀ ଚନ୍ଦନ ଓ ଧଳା ସୋରିଷକୁ ସ୍ନାନ ଜଳରେ ପକାଇ ସ୍ନାନ କରନ୍ତୁ। ମନେ ମନେ ବାରମ୍ବାର 'ବଂ' ମନ୍ତ୍ରକୁ ଜପ କରନ୍ତୁ। ବହୁ ଶୁଭଫଳ ପାଇବେ।



## ସିଂହ

**ସ୍ୱାସ୍ଥ୍ୟ** : ଷଷ୍ଠାଧିପତି ଅଷ୍ଟମ ହେତୁ ବର୍ଷ ସାରା ସ୍ୱାସ୍ଥ୍ୟ ଭଲ ରହିବ । ପୁରାତନ ରୋଗରୁ ମୁକ୍ତି ପାଇବେ । ମାନସିକ ଅବସାଦ ଦୂରେଇ ଯିବ । ମନୋବଳ ବୃଦ୍ଧି ପାଇବ । ଅତ୍ୟଧିକ ପରିଶ୍ରମ, ବିଶ୍ରାମହୀନ ତଥା ଅଯଥା ଭ୍ରମଣ ହେତୁ ସାମୟିକ ଭାବରେ ଅସୁସ୍ଥତା ଅନୁଭବ କରିବେ । ଖାଦ୍ୟପେୟରେ ସଂଯମତା ରଖି ପାରିଲେ ବହୁ ରୋଗରୁ ମୁକ୍ତି ପାଇବେ । ସ୍ୱାସ୍ଥ୍ୟରେ ଜଟିଳତା ତଥା ଅସ୍ତ୍ରୋପଚାର ସମ୍ଭାବନା ନାହିଁ ।

**ପରିବାର** : ଚତୁର୍ଥାଧି ପତି ନବମାଧିପତି ପଞ୍ଚମସ୍ଥ ହୋଇ ପଞ୍ଚମାଧିପତି ବୃହସ୍ପତିଙ୍କ ପୂର୍ଣ୍ଣ ଦୃଷ୍ଟି ହେତୁ ପାରିବାରିକ ଜୀବନରେ ଶାନ୍ତି ପାଇବେ । ଗୃହରେ ଭ୍ରାତୃବିବାଦର ସମାଧାନ ହେବା ସହ ପୂର୍ବ ମତାନ୍ତର ଓ ମନାନ୍ତରର ଅବସାନ ଘଟିବ । ଦୈବୀକୃପା ପ୍ରାପ୍ତିହେତୁ ଗୃହରେ ମାଙ୍ଗଳିକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ । ନୂତନ ଗୃହ ନିର୍ମାଣ ତଥା ଯାନବାହନ କ୍ରୟ କରିବାର ସୁଯୋଗ ମିଳିବ । ଉତ୍ତମ ପରିବେଶ ଓ ପରିସ୍ଥିତି ପରିବାରରେ ଦେଖାଦେବ ।

**ସାମାଜିକ ପ୍ରତିଷ୍ଠା** : କର୍ମାଧିପତି ପଞ୍ଚମସ୍ଥ ହୋଇ ବୃହସ୍ପତି ପୂର୍ଣ୍ଣଦୃଷ୍ଟି ହେତୁ ବର୍ଷସାରା ନିଜର ଭାବମୂର୍ତ୍ତି ବୃଦ୍ଧି ପାଇବା ସହ ଲୋକସମ୍ପର୍କ ପ୍ରତିଷ୍ଠିତ ହେବେ । ବଳିଷ୍ଠ ନେତୃତ୍ୱ ଯୋଗୁଁ ସାମାଜିକ ଧର୍ମାନୁଷ୍ଠାନ, ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ମାଙ୍ଗଳିକ କାର୍ଯ୍ୟକ୍ରମରେ ସମ୍ମାନିତ ହେବେ । ସ୍ୱାଧୀନଚେତା, ନିର୍ଭୀକ ମନୋଭାବ ତଥା ସତ୍ କର୍ତ୍ତବ୍ୟ ପରାୟଣତା ହେତୁ ରାଜନୀତି ତଥା ବହୁ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ତଥାପି ବାକ୍ ସଂଯମତା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ ।

**ଅର୍ଥନୈତିକ ଅବସ୍ଥା** : ଧନାଧିପତି ଓ ଏକାଦଶାଧିପତି ପଞ୍ଚମରେ ଯୁକ୍ତ ହୋଇ ବୃହସ୍ପତିଙ୍କ ପୂର୍ଣ୍ଣଦୃଷ୍ଟି ଯୋଗୁଁ ବର୍ଷସାରା ଶୁଭ ସମୟ ପାଇବେ । ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ପରିଣାମ ବୃଦ୍ଧି ପାଇବ । ଋଣ ପରିଶୋଧ କରିବାର ସୁଯୋଗ ଆସିବାର ବହୁ ସମ୍ଭାବନା ରହିଛି । ବିଭିନ୍ନ ଦିଗରୁ ଆୟର ସ୍ରୋତ ବୃଦ୍ଧି ପାଇବ । ସରକାରୀ କର୍ମଚାରୀମାନେ ପଦୋନ୍ନତି ପାଇବେ । ବିଭିନ୍ନ ପ୍ରକାର ବ୍ୟବସାୟରୁ ବ୍ୟବସାୟୀମାନେ ନିଜର ଆର୍ଥିକ ଲକ୍ଷ୍ୟ ପୂରଣ କରିବେ । ମୋଟାମୋଟି ଭାବରେ ଆର୍ଥିକ ସ୍ୱଚ୍ଛଳତା ତଥା ଧନାଗମ ବର୍ଷସାରା ଲାଗି ରହିବ ।

**ଛାତ୍ରଛାତ୍ରୀ** : ଶୁଭ ଗ୍ରହ ଚଳନ ଫଳରେ ଛାତ୍ରଛାତ୍ରୀମାନେ ବର୍ଷସାରା ଶୁଭ ଫଳ ପାଇବେ । ଗବେଷଣା କ୍ଷେତ୍ରରେ ତଥା ପ୍ରତିଯୋଗିତାମୂଳକ ପରୀକ୍ଷା କ୍ଷେତ୍ରରେ ଶୁଭପ୍ରଦ ଦେବ । ଉଚ୍ଚଶିକ୍ଷା ତଥା ଗବେଷଣା ପାଇଁ ବିଦେଶ ଯାତ୍ରା ଅନୁକୂଳ ରହିବ ।

**ଦୈବୀ ପ୍ରତିକାର**

ଦୈନିକ ଗଙ୍ଗା ଜଳରେ ସ୍ନାନ କରିବା ସହ ସୂର୍ଯ୍ୟଙ୍କୁ ପ୍ରଣାମ କରନ୍ତୁ । ମାନସିକ ଭାବରେ 'ରଂ' ବୀଜ ମନ୍ତ୍ର ବାରମ୍ବାର ଜପ କରନ୍ତୁ । ସମସ୍ତ ସମସ୍ୟାର ଆଶୁ ସମାଧାନ ପାଇବେ ।





## କନ୍ୟା

**ସ୍ୱାସ୍ଥ୍ୟ**: ଷଷ୍ଠସ୍ଥ ଶନି କନ୍ୟା ରାଶିକୁ ବର୍ଷସାରା ଦୃଷ୍ଟି ଦେଉଥିବା ଯୋଗୁଁ ୨୦୨୬ ମସିହା ଆପଣ ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେବେ । ବର୍ଷସାରା ସାମୟିକ ଭାବରେ ଉଦର, ଯକୃତ, ଜଣ୍ଡିସ୍, ମଧୁମେହ ତଥା ଆଣ୍ଠୁଗଣ୍ଠି ବାତର ପ୍ରକୋପ ପ୍ରବଳ ମାତ୍ରାରେ ଦେଖାଦେବ । ଅଜଣା ରୋଗର ଶିକାର ତଥା ପୁରୁଣା ରୋଗର ଆବିର୍ଭାବ ଯୋଗୁଁ ବହୁ ଖର୍ଚ୍ଚାନ୍ତ ହେବେ । ପ୍ରଚୁର ବିଶ୍ରାମ, ଖାଦ୍ୟପେୟର ସଂଯମତା ତଥା ଅଯଥା ଭ୍ରମଣରୁ ନିବୃତ ରହିଲେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଶୁଭପଳ ପାଇବେ ।

**ପରିବାର** : ଚତୁର୍ଥ ସ୍ଥାନରେ ରବି, ମଙ୍ଗଳ, ବୁଧ ଓ ଶୁକ୍ର ଥାଇ ବୃହସ୍ପତିଙ୍କ ପୂର୍ଣ୍ଣଦୃଷ୍ଟି ଥିବା ହେତୁ ପାରିବାରିକ ଶାନ୍ତି ବଜାୟ ରହିବ । କୋର୍ଟ କଚେରିର ଝାମେଲା ତଥା ଭ୍ରାତୃବିବାଦର ସମାଧାନ ସହ ନୂତନ ଗୃହ ନିର୍ମାଣ ତଥା ଏକାଧିକ ମାଙ୍ଗଳିକ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ସଦାସର୍ବଦା ପରିବାରରେ ସକାରାତ୍ମକ ଚିନ୍ତାଧାରା ସହ ସମାଜରେ ନିଜର ମାନ ସମ୍ମାନ ବୃଦ୍ଧି ପାଇବ । ଭାଗ୍ୟ ଅନୁକୂଳ ଯୋଗୁଁ ବହୁ ସମସ୍ୟାର ସମାଧାନର ବାଟ ମିଳିଯିବ ।

**ସାମାଜିକ ପ୍ରତିଷ୍ଠା** : ଚତୁର୍ଥ ସ୍ଥାନକୁ ଚତୁର୍ଥାଧିପତିଙ୍କ ପୂର୍ଣ୍ଣଦୃଷ୍ଟି ହେଉଥିବାରୁ ଦୈବୀକୃପା ମିଳିବା ସହ ସାମାଜିକମୂଳକ କାର୍ଯ୍ୟକ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ, ଗଠନ ମୂଳକ କାର୍ଯ୍ୟକ୍ରମ ତଥା ମାଙ୍ଗଳିକ କାର୍ଯ୍ୟକ୍ରମ ହାତକୁ ନେଇ ସମାଜରେ ନିଜର ମାନସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି କରିବେ । ବିବାଦମାନ ପରିସ୍ଥିତିର ସମ୍ମୁଖୀନ ହେଲେ ବହୁ ଲୋକଙ୍କ ସାହାଯ୍ୟ ଓ ସହାନୁଭୂତି ଯୋଗୁଁ ପରିସ୍ଥିତି ଶାନ୍ତ ରହିବ । କର୍ମ କ୍ଷେତ୍ରରେ କୌଣସି ପ୍ରକାର ଆଖି ଦୃଶିଆ ପ୍ରତିବନ୍ଧକ ସୃଷ୍ଟି ହେବ ନାହିଁ ।

**ଅର୍ଥନୈତିକ ଅବସ୍ଥା** : ଧନାଧିପତିକୁ କେନ୍ଦ୍ର କୋଣର ଅଧିପତି ବୃହସ୍ପତିଙ୍କ ପୂର୍ଣ୍ଣଦୃଷ୍ଟି ଦେଉଥିବା ଯୋଗୁଁ ବର୍ଷସାରା ଆର୍ଥିକ ସ୍ୱଚ୍ଛଳତା ଲାଗି ରହିବ । ବ୍ୟବସାୟୀ ତଥା ଚାକିରିଜୀବୀଙ୍କ ଆର୍ଥିକ ସ୍ୱଚ୍ଛଳତା ଲାଗି ରହିବା ସହ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ । ସରକାରୀ ଚାକିରିଆଙ୍କ ପଦୋନ୍ନତି ହେବାର ବହୁ ସମ୍ଭାବନା ଅଛି । ଉତ୍ତରାଧିକାରୀ ତଥା ଆଶା କରୁନଥିବା ଦିଗରୁ ଧନ ସମ୍ପତ୍ତି ପ୍ରାପ୍ତିର ସୂଚନା ମିଳେ ।

**ଛାତ୍ରଛାତ୍ରୀ** : ପଞ୍ଚମାଧିପତି ଭାଗ୍ୟ ସ୍ଥାନରେ ବୁଧଙ୍କୁ ବୃହସ୍ପତିଙ୍କ ପୂର୍ଣ୍ଣଦୃଷ୍ଟି ହେତୁ ୨୦୨୬ ମସିହାରେ ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ସୌଭାଗ୍ୟ ଅର୍ଜନ କରିବେ । ଗବେଷକମାନେ ଗବେଷଣା କାର୍ଯ୍ୟରେ ଆଗେଇବା ସହ ଶିକ୍ଷାର୍ଥୀମାନେ ଯଶ, ମାନ ଓ ଗୌରବର ଅଧିକାରୀ ହେବେ ।

**ଦୈବୀ ପ୍ରତିକାର**

ଚନ୍ଦନ ଜଳରେ ପକାଇ ସ୍ନାନ କରନ୍ତୁ । ମନେ ମନେ ସକାଳେ 'ଓଁ ଉଚ୍ଛିଷ୍ଟ ଗଣପତୟେ ସ୍ୱାହା' ତଥା ଶୋଇବା ପୂର୍ବରୁ ମନେ ମନେ 'ଲଂ' ମନ୍ତ୍ରକୁ ଜପ କରନ୍ତୁ । ମାନସିକ ଶାନ୍ତି ମିଳିବା ସହ ଅଟକି ଥିବା କାର୍ଯ୍ୟ ସମ୍ପାଦନ ହେବ ।





## ତୁଳା

↘ **ସ୍ୱାସ୍ଥ୍ୟ**: ତୁଳା ରାଶିକୁ ରାହୁଙ୍କ ପୂର୍ଣ୍ଣଦୃଷ୍ଟି ଓ ଶୁକ ପାପ ଗ୍ରହ ମଙ୍ଗଳ ରବି ଯୁକ୍ତ ହୋଇ ବୃହସ୍ପତିଙ୍କ ପୂର୍ଣ୍ଣ ଦୃଷ୍ଟି ହେତୁ ବର୍ଷସାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଭୟ ଶୁଭ ଓ ଅଶୁଭ ମିଶ୍ରିତ ଫଳ ପାଇବେ । ଅକସ୍ମାତ ଅସ୍ତ୍ରୋପଚାର ସହ ଉଦର, ଜଣ୍ଡିସ, ଯକୃତ, କର୍ଣ୍ଣ, ନାସା ଓ ଗଳା ରୋଗରେ ଆକ୍ରାନ୍ତ ହେବାର ବହୁ ସମ୍ଭାବନା ରହିଛି । ଅଯଥା ଭ୍ରମଣ, ବିଶ୍ରାମହୀନତା ତଥା ଅତ୍ୟଧିକ ପରିଶ୍ରମ ହେତୁ ସାମୟିକ ଭାବରେ ଅସୁସ୍ଥତା ଅନୁଭବ କରିବେ । ପୁରାତନ ରୋଗୀମାନେ ସ୍ୱାସ୍ଥ୍ୟରେ ଜଟିଳତା ଅନୁଭବ କରିବେ । ଅଗଷ୍ଟ ମାସ ପରଠାରୁ ସ୍ୱାସ୍ଥ୍ୟ ସମସ୍ୟାର ପ୍ରାଦୁର୍ଭାବ କମିବ ।

↘ **ପରିବାର** : ଚତୁର୍ଥାଧିପତି ଷଷ୍ଠରେ ଥିବା ଫଳରେ ପାରିବାରିକ ସମସ୍ୟା ଜଟିଳ ହେବ । ବିନା କାରଣରେ ଗୃହରେ ପରସ୍ପର ମଧ୍ୟରେ ମତାନ୍ତର ଓ ମନାନ୍ତର ବଜାୟ ରହିବ । ବର୍ଷସାରା ଅତିଥି ଅଭ୍ୟାଗତଙ୍କ ଆଗମନ ଯୋଗୁଁ ବ୍ୟସ୍ତବିବ୍ରତ ରହିବେ । ଗୋଟିଏ ସମସ୍ୟାର ସମାଧାନ କଲା ବେଳକୁ ଅଚାନକ ଆଉ ଗୋଟିଏ ସମସ୍ୟା ଦେଖାଦେବ । ବର୍ଷର ଶେଷ ଭାଗରେ ନିଜ ଅଭିଜ୍ଞତା ଓ ଦୈବୀ ଆଶୀର୍ବାଦ ଯୋଗୁଁ ସମସ୍ତ ସମସ୍ୟାର ସମାଧାନର ଅନୁକୂଳ ପରିବେଶ ଓ ପରିସ୍ଥିତି ଦେଖା ଦେବ ।

↘ **ସାମାଜିକ ପ୍ରତିଷ୍ଠା** : ଭାଗ୍ୟାଧିପତିଙ୍କୁ ବୃହସ୍ପତି ପୂର୍ଣ୍ଣଦୃଷ୍ଟି ହେତୁ ବର୍ଷସାରା କର୍ମକ୍ଷେତ୍ରରେ ମାନସିକ ଶାନ୍ତି, ସମାଜରେ ସର୍ବୋଚ୍ଚ କ୍ଷେତ୍ରରେ ସମ୍ମାନିତ, କଠୋର ପରିଶ୍ରମ ତଥା ନିର୍ଭୀକ ମନୋଭାବ ଯୋଗୁଁ ବହୁ କ୍ଷେତ୍ରରେ ସମ୍ମାନିତ ହେବେ । ରାଜନୀତି କ୍ଷେତ୍ରରେ ଭାଗ୍ୟ ଆପଣଙ୍କୁ ସାଥ୍ ଦେବ । ବହୁ ଜାଗାରେ ନେତୃତ୍ୱ ନେଇ ନିଜର କର୍ତ୍ତବ୍ୟନିଷ୍ଠା ଓ ଏକାଗ୍ରତା ହେତୁ ସମାଜରେ ନିଜର ଭାବମୂର୍ତ୍ତିରେ ସୁନାମ ଅର୍ଜନ କରିବା ସହ ଲୋକ ସମର୍ଥନରୁ ଲାଭବାନ ହେବେ ।

↘ **ଅର୍ଥନୈତିକ ଅବସ୍ଥା** : ଦ୍ୱିତୀୟ ପତି ତଥା ସପ୍ତମ ପତିଙ୍କୁ ଶୁଭଗ୍ରହଙ୍କ ଦୃଷ୍ଟିହେତୁ ଅର୍ଥନୈତିକ ଅବସ୍ଥା ସ୍ୱଚ୍ଛଳ ରହିବ । ବର୍ଷସାରା ବିଭିନ୍ନ ଦିଗରୁ ଅର୍ଥାଗମର ବାଟ ଦେଖାଦେବ । ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରୁ ଆୟ ବଢ଼ିବ । ଋଣ ପରିଶୋଧ କରିବେ । ସରକାରୀ ଚାକିରିଆମାନେ ନିଜର କର୍ତ୍ତବ୍ୟନିଷ୍ଠା ପାଇଁ ପ୍ରଶଂସିତ ହେବା ସହ ପଦୋନ୍ନତି ପାଇବେ । କୃଷକ ଓ ବ୍ୟବସାୟୀମାନଙ୍କ ପାଇଁ ବର୍ଷଟି ଶୁଭ ତଥା ଲାଭଯୁକ୍ତ ହେବ ।

↘ **ଛାତ୍ରଛାତ୍ରୀ**: ବିଦ୍ୟାଧିପତିଙ୍କୁ ଶୁଭଗ୍ରହ ଦୃଷ୍ଟି ହେତୁ ଛାତ୍ରମାନେ ବର୍ଷସାରା ଶୁଭଫଳ ପାଇବେ । ଉଚ୍ଚଶିକ୍ଷା ତଥା ଗବେଷଣା କ୍ଷେତ୍ରରେ ଆଶାତୀତ ଭାବରେ ନିଜର ଲକ୍ଷ୍ୟପୂରଣ କରିବେ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ଜୟଯୁକ୍ତ ହେବା ସହ ବିଦେଶ ଭ୍ରମଣ ସୁଯୋଗ ପାଇବେ ।

**ଦୈବୀ ପ୍ରତିକାର**

ଉଦୟକାଳୀନ ସୂର୍ଯ୍ୟଙ୍କୁ ବାରମ୍ବାର ପ୍ରଣାମ କରନ୍ତୁ । ମନେ ମନେ 'ଯଂ' ମନ୍ତ୍ରକୁ ବାରମ୍ବାର ଜପ କରନ୍ତୁ ।







## ବିଛା

↘ **ସ୍ୱାସ୍ଥ୍ୟ**: ଲଗ୍ନାଧିପତି ଷଷ୍ଠାଧିପତି ମଙ୍ଗଳ ବୃହସ୍ପତିଙ୍କ ପୂର୍ଣ୍ଣଦୃଷ୍ଟି ଥିବା ହେତୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ମିଶ୍ରିତ ଶୁଭାଶୁଭ ଫଳ ମିଳିବ । ମାନସିକ ସ୍ଥିତି ଠିକ୍ ରହିଲେ ମଧ୍ୟ ପୁରାତନ ରୋଗର ଯନ୍ତ୍ରଣା ଧୀରେ ଧୀରେ ବଢ଼ିଯିବ । ସର୍ଦ୍ଦି ତଥା ଅଜଣାରୋଗର ଶିକାର ହୋଇ ବହୁ ଖର୍ଚ୍ଚାନ୍ତ ହେବେ । ଖାଦ୍ୟପେୟର ଅନିୟମିତତା, ବିଶ୍ରାମହୀନତା ତଥା ମାତ୍ରାଧିକ ପରିଶ୍ରମ ହେତୁ ଅସୁସ୍ଥତା ଅନୁଭବ କରିବେ । ବର୍ଷର ଶେଷ ଭାଗ ବେଳକୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ମନ ସ୍ଥିରତାରେ ଲାଗି ରହିବ ।

↘ **ପରିବାର** : ଚତୁର୍ଥସ୍ଥ ରାହୁଙ୍କୁ ବୃହସ୍ପତିଙ୍କ ଦୃଷ୍ଟି ହେତୁ ବର୍ଷସାରା ଶାନ୍ତର ବାତାବରଣ ଦେଖା ଦେଲେ ମଧ୍ୟ ସମସ୍ୟା ଉପରେ ସମସ୍ୟା ଲାଗି ରହିବ । ପୈତୃକ ସମ୍ପତ୍ତିକୁ ନେଇ ମାନସିକ ଅଶାନ୍ତି ଭୋଗ କରିବେ । ପାଖ ପଡ଼ୋଶୀଙ୍କ ମତ-ମତାନ୍ତର ସହ ପାରିବାରିକ ଅସହଯୋଗ ତଥା ଗୁରୁଜନଙ୍କ ସ୍ୱାସ୍ଥ୍ୟହାନି ଘଟିବାର ବହୁ ସମ୍ଭାବନା ରହିଛି । ମାଙ୍ଗଳିକ କାର୍ଯ୍ୟରେ ବହୁ ବାଧା ବିଘ୍ନ ଦେଖା ଦେବ ।

↘ **ସାମାଜିକ ପ୍ରତିଷ୍ଠା** : ବର୍ଷସାରା ଶୃଙ୍ଖଳା କର୍ତ୍ତବ୍ୟରେ ନିଷ୍ଠା, ସହନଶୀଳତା, ପ୍ରଚଣ୍ଡ ଅଧ୍ୟବସାୟ ତଥା ସୃଜନଶକ୍ତି ବୃଦ୍ଧି ହେବା ଯୋଗୁଁ ସମାଜରେ ପ୍ରତ୍ୟେକ କ୍ଷେତ୍ରରେ ସମ୍ମାନିତ ହେବେ । ବିତର୍କ ଓ ସମାଲୋଚନା ଦିଗରେ ଭାଗ୍ୟ ସାଥ୍ ଦେବା ଯୋଗୁଁ ଆତ୍ମସନ୍ତୋଷ ଲାଭ କରିବେ । ରାଜନୀତିଜ୍ଞମାନେ ପୂର୍ବ ପରିକଳ୍ପିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରି ତୃଣମୂଳସ୍ତରରେ ଖ୍ୟାତି ଅର୍ଜନ କରିବେ । ଜନମାନସରେ ନ୍ୟାୟବନ୍ତ ହେବା ସହ ଲୋକମାନଙ୍କ ସମସ୍ୟାର ସମାଧାନ କରି ଜାନଦୃତ ହେବେ ।

↘ **ଅର୍ଥନୈତିକ ଅବସ୍ଥା** : ଧନାଧିପତି ବୃହସ୍ପତି ଧନ ସ୍ଥାନକୁ ଦେଖୁଥିବା ଯୋଗୁଁ ଅର୍ଥନୈତିକ ଅବସ୍ଥା ବର୍ଷସାରା ପ୍ରାୟତଃ ସ୍ୱଚ୍ଛଳ ରହିବ । ଆତ୍ମୀୟ ସ୍ୱଜନ, ବନ୍ଧୁ ତଥା ସମ୍ପର୍କୀୟଙ୍କ ସହାୟତାରେ ଓ ଯୌଥ କାରବାରରେ ନୂତନ ଧନ ଉପାର୍ଜନ ତଥା ଧନ ସଞ୍ଚୟ ଯୋଜନାକୁ ପୂର୍ଣ୍ଣାଙ୍ଗ କରିବେ । ବାଣିଜ୍ୟ ବ୍ୟବସାୟ ତଥା କ୍ରୟବିକ୍ରୟ କ୍ଷେତ୍ରରେ ଆଶାତୀତ ଭାବରେ ଲାଭବାନ ହେବେ । କରଜରୁ ମୁକ୍ତି ପାଇବେ । ଆଶା କରୁ ନ ଥିବା ଦିଗରୁ ଧନାଗମ କ୍ରମଶଃ ଲାଗି ରହିବ ।

↘ **ଛାତ୍ରଛାତ୍ରୀ** : ପଞ୍ଚମାଧିପତି ଅଷ୍ଟମସ୍ଥ ହେତୁ ଛାତ୍ରଛାତ୍ରୀମାନେ ଉଭୟ ମିଶ୍ରିତ ଫଳ ପାଇବେ । ଉଚ୍ଚଶିକ୍ଷାରେ ନିଜର ଅଭୀଷ୍ଟ ଓ ଅଭିଳାଷ ପୂରଣ କରିବାରେ ବହୁ ବାଧାବିଘ୍ନ ଆସିବ । ମନ ଅସ୍ଥିର ରହିବ । ଭାବପ୍ରବଣତା ଯୋଗୁଁ ଗବେଷକମାନଙ୍କ ଗବେଷଣାରେ ଉନ୍ନତିରେ ବିଳମ୍ବ ହେବ । ବର୍ଷର ଶେଷ ଭାଗରେ ନିଜର ଆଶା ଓ ଆକାଂକ୍ଷାକୁ ପୂରଣ କରିବାର ସୁଯୋଗ ମିଳିବ ।

**ଦୈବୀ ପ୍ରତିକାର**

ପ୍ରତିଦିନ ହଳଦୀ ଜଳରେ ସ୍ନାନ କରନ୍ତୁ । ପ୍ରତି ସଂକ୍ରାନ୍ତି ଦିନ ବ୍ରାହ୍ମଣ ଭୋଜନ ଦେଇ ସେମାନଙ୍କ ଆଶୀର୍ବାଦ ନିଅନ୍ତୁ ।





## ଧନୁ



**ସ୍ୱାସ୍ଥ୍ୟ** : ଲଗ୍ନାଧିପତି ଲଗ୍ନକୁ ପୂର୍ଣ୍ଣଦୃଷ୍ଟି ଦେଉଥିବାରୁ ବର୍ଷସାରା ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ । ମନୋବଳ ବୃଦ୍ଧି ପାଇବା ସହ ପୁରାତନ ରୋଗରୁ ଆରୋଗ୍ୟ ଲାଭ ପାଇବେ । ମନର ସ୍ଥିରତା, ଧୈର୍ଯ୍ୟ ଓ ସାହସକିତା ଯୋଗୁଁ ନିଜର ସ୍ୱାସ୍ଥ୍ୟସ୍ଥିତିକୁ ସୁଦୃଢ଼ କରିପାରିବେ । ବର୍ଷର ଶେଷ ଭାଗରେ ମାନସିକ ଚାପ, ଜଳଜନିତ ରୋଗ ତଥା ଅସୁସ୍ଥତାକୁ ଅଣଦେଖା କରିବା ଅନୁଚିତ ।

**ପରିବାର** : ଚତୁର୍ଥାଧିପତି ବୃହସ୍ପତି କେନ୍ଦ୍ରରେ ଥାଇ ଲଗ୍ନକୁ ପୂର୍ଣ୍ଣଦୃଷ୍ଟି ଦେଉଥିବା ଯୋଗୁଁ ପରିବେଶ ଓ ପାରିପାର୍ଶ୍ୱିକ ସ୍ଥିତି ଅନୁକୂଳ ରହିବ । ବର୍ଷସାରା ପାରିବାରିକ ଜୀବନ ସୁଖମୟ ହେବ । ସବୁ କ୍ଷେତ୍ରରେ ସୁସମ୍ମାନିତ ହେବା ସହ ଗୃହରେ ମାଙ୍ଗଳିକ କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ କରିବେ । ପଡ଼ୋଶୀଙ୍କ ସହ ଉତ୍ତମ ବୁଝାମଣା ଠିକ୍ ରହିବ । ଶତ୍ରୁ ସଂଖ୍ୟା ହ୍ରାସ ପାଇବ । ପୁରୁଣା ଭାତୃ ବିବାଦର ସମାଧାନ ଘଟିବ ।

**ସାମାଜିକ ପ୍ରତିଷ୍ଠା** : ବର୍ଷସାରା ମାନସିକ ଶାନ୍ତି ମିଳିବା ସହ ସତ୍ କର୍ମରେ ସମୟର ସଦୁପଯୋଗ କରିବେ । ମାଲିମକଦ୍ଦମାରେ ସୁଫଳ ପାଇବା ସହ ଯେଉଁ କାର୍ଯ୍ୟ ହାତକୁ ନେବେ, ତାହା ପୂର୍ଣ୍ଣାଙ୍ଗ କରିବାର ସୁଯୋଗ ପାଇବେ । ସାମାଜିକ ପ୍ରତିଷ୍ଠା ଦିଗରେ ନିଜର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଯୋଗୁଁ ଲୋକପ୍ରିୟତା ବୃଦ୍ଧି ପାଇବା ସହ ବହୁ କ୍ଷେତ୍ରରେ ମାନସିକ ଶାନ୍ତି ମିଳିବା ସହ ସମସ୍ତଙ୍କଠାରୁ ସ୍ନେହ, ସହଯୋଗ, ସୌହାର୍ଦ୍ଦ୍ୟ ତଥା ଉତ୍ସାହ ଦ୍ୱାରା ନିଜର ପତିଆରା ବୃଦ୍ଧି ପାଇବ ।

**ଅର୍ଥନୈତିକ ଅବସ୍ଥା** : ବର୍ଷର ପ୍ରଥମାର୍ଦ୍ଧରେ ଅର୍ଥନୈତିକ ଅବସ୍ଥା ଉତ୍‌ଥାନ ପତନ ଦେଇ ଗତି କରିବା ସହ ଦ୍ୱିତୀୟାର୍ଦ୍ଧରେ ଆର୍ଥିକ ସ୍ୱଚ୍ଛଳତା ଲାଗି ରହିବ । ଭୂମି, ଯାନବାହନ କ୍ରୟ କରିବାର ସୁଯୋଗ ମିଳିବ । କରଜ ମୁକ୍ତ ହେବେ । ଆଶା କରୁନଥିବା ଦିଗରୁ ଅର୍ଥାଗମର ସୁଅ ଛୁଟିବା ସହ ଅଳ୍ପ ପରିଶ୍ରମରେ ବହୁ ପାରିଶ୍ରମିକ ମିଳିବା ହେତୁ ଆତ୍ମସନ୍ତୋଷ ଲାଭ କରିବେ । ସରକାରୀ କଳରୁ ଉପକୃତ ହେବା ସହ କର୍ମଜୀବୀମାନେ ପଦୋନ୍ନତି ପାଇବେ ।

**ଛାତ୍ରଛାତ୍ରୀ** : ଶିକ୍ଷା କ୍ଷେତ୍ରକୁ ରାହୁଙ୍କ ପୂର୍ଣ୍ଣ ଦୃଷ୍ଟି ହେତୁ ବର୍ଷର ପ୍ରଥମାର୍ଦ୍ଧରେ ମିଶ୍ରିତ ଫଳ ପ୍ରଦାନ କରିବ । ମାନସିକ ସନ୍ତୁଳନ ବ୍ୟାହତ ହେବା ସହ ସାମାନ୍ୟ ଭୁଲ ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ବହୁ ସମସ୍ୟା ଦେଖାଦେବ । ଦ୍ୱିତୀୟରେ ନିଜର ଉଦ୍ୟମ ଓ ଆନ୍ତରିକ ଚେଷ୍ଟା ବଳରେ ପରିବେଶ ଓ ପରିସ୍ଥିତିକୁ ସଠିକ୍ ଦିଗ ନିର୍ଣ୍ଣୟ କରି ପରିଶ୍ରମ ମୂଲ୍ୟ ହାସଲ କରିବ ।

### ଦୈବୀ ପ୍ରତିକାର

ପ୍ରତ୍ୟହ ହନୁମାନ ଚାଳିଶା ପାଠ କରିବା ସହ ମନେ ମନେ 'ରଂ' ବୀଜମନ୍ତ୍ରକୁ ଜପ କରନ୍ତୁ । ସମସ୍ତ କ୍ଷେତ୍ରରେ ଆତ୍ମସନ୍ତୋଷ ଲାଭ ପାଇବେ ।



## ମକର



**ସ୍ୱାସ୍ଥ୍ୟ** : ଲଗ୍ନପତି ତୃତୀୟସ୍ଥ ହୋଇ ରାହୁ ଯୁକ୍ତ ସହ ଷଷ୍ଠସ୍ଥ ବୃହସ୍ପତି ଥିବା ଯୋଗୁଁ ବର୍ଷର ପ୍ରଥମ ଭାଗରେ ବହୁ ରୋଗରେ ଆକ୍ରାନ୍ତ ହେବେ । ଦ୍ୱିତୀୟାର୍ଦ୍ଧରେ ମୋଟାମାଟି ଭାବେ ସ୍ୱାସ୍ଥ୍ୟ ଠିକ୍ ରହିବ । ଖାଦ୍ୟପେୟରେ ଅନିୟମିତତା ଦେଖାଦେବା ସହ ବିଭିନ୍ନ ପ୍ରକାରର ମାନସିକ ଅଶାନ୍ତି ଯୋଗୁଁ ମାନସିକ ରୋଗ ତଥା ପୁରାତନ ରୋଗର ଆବିର୍ଭାବ ଦେଖାଦେବ । ବିଶେଷ କରି ଉଦର, ଯକୃତ, ମୁତ୍ରାଶୟ, ଦନ୍ତ, ଚକ୍ଷୁ ସମସ୍ୟା ଓ ରକ୍ତଚାପ ଅଚାନକ ଭାବରେ ଦେଖାଦେବ ।

**ପରିବାର** : ଚତୁର୍ଥାଧିପତି, ଏକାଦଶାଧିପତି ଦ୍ୱାଦଶରେ ଥିବା ହେତୁ ବର୍ଷସାରା ବର୍ଷର ପ୍ରଥମାର୍ଦ୍ଧରେ ବହୁ ମାନସିକ ଅଶାନ୍ତି ଭୋଗିଲେ ଦ୍ୱିତୀୟାର୍ଦ୍ଧରେ ସମସ୍ତ ପ୍ରକାରର ବାଧାବିଘ୍ନକୁ ଅତିକ୍ରମ କରିବ । ଭ୍ରାତୃବିବାଦ, ଦାମ୍ପତ୍ୟ ଜୀବନରେ ଅଶାନ୍ତି ତଥା ପାରିବାରିକ ସମସ୍ୟା ବୃଦ୍ଧି ପାଇବ । ଦ୍ୱିତୀୟ ଭାବରେ ଗୃହରେ ମାଙ୍ଗଳିକ କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ ହେବ । ସମସ୍ତ କ୍ଷେତ୍ରରେ ସମ୍ମାନିତ ହେବା ସହ ପରିବେଶ ଓ ପାରିପାର୍ଶ୍ୱିକ ସ୍ଥିତି ଅନୁକୂଳ ରହିବ ।

**ସାମାଜିକ ପ୍ରତିଷ୍ଠା** : ସାମାଜିକ ପ୍ରତିଷ୍ଠା ଦିଗରେ ଉଭୟ ଶୁଭ ଓ ଅଶୁଭ ଫଳ ମିଳିବ । ପାଖ ପଡ଼ୋଶୀଙ୍କ ସହ ମତାନ୍ତର ଓ ମନାନ୍ତର ତଥା ବହୁ ଦିଗରୁ ବିରୋଧାଭାସ ଲାଗି ରହିଲେ ମଧ୍ୟ ନିଜର ସ୍ୱତନ୍ତ୍ରତା ଉପରେ କୌଣସି ଆଞ୍ଚ ଆସିବ ନାହିଁ । ବାକ୍ ସଂଯମତା ତଥା ଉତ୍ତମ ବ୍ୟବହାର ଯୋଗୁଁ ଅନେକ ଗୁରୁଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ପାରିଲେ ଲୋକସମ୍ପର୍କ ଆଶାତୀତ ବୃଦ୍ଧି ପାଇବ । କୋର୍ଟକଚେରି ମାମଲାରେ ସୁଫଳ ପାଇବା ସହ ସାମାଜିକ ଭାବମୂର୍ତ୍ତି ବୃଦ୍ଧି ପାଇବ ।

**ଅର୍ଥନୈତିକ ଅବସ୍ଥା** : ବର୍ଷର ପ୍ରଥମାର୍ଦ୍ଧରେ ଦେବଗୁରୁ ବୃହସ୍ପତି ଧନ ଜାଗାକୁ ଦେଖୁଥିବା ହେତୁ ବହୁ ପ୍ରତିଷ୍ଠାନ ସହ ଜଡ଼ିତ ରହି ଅର୍ଥ ଉପାର୍ଜନ କରିବେ । ବ୍ୟବସାୟ ବାଣିଜ୍ୟରେ ଭାଗ୍ୟୋଦୟ ହେବ । ଭାଗୀଦାରି ବ୍ୟବସାୟ ଦିଗଟି ଉତ୍ତମ ରହିବ । ଜୀବନବୀମା ଓ ସେୟାର ମାର୍କେଟ ଦିଗରୁ ଆଶାତୀତ ଶୁଭ ଫଳ ପାଇବେ । ରାଜକୃପାର ଅଧିକାରୀ ହେବା ସହ ଦେଶ-ବିଦେଶରେ ଭାଗ୍ୟୋଦୟ ସହ ଅନେକ ପ୍ରକାର ଐଶ୍ୱର୍ଯ୍ୟ ପ୍ରାପ୍ତି ହେବେ ।

**ଛାତ୍ରଛାତ୍ରୀ** : ଭାଗ୍ୟ ଜାଗାକୁ ଶନି ଓ କର୍ମସ୍ଥାନକୁ ବୃହସ୍ପତି ଦେଖୁଥିବା ଯୋଗୁଁ ସାମୟିକ ଭାବରେ ମାନସିକ ସନ୍ତୁଳନ ବ୍ୟାହତ ହେବ । ଅଯଥା ଭ୍ରମଣ ହେତୁ ଶିକ୍ଷାର ମାନଦଣ୍ଡ କମିଯିବ । ବର୍ଷର ବିଶେଷ ଭାଗକୁ ସ୍ୱତନ୍ତ୍ର ପରିଶ୍ରମ, ଅଧ୍ୟୟନ ଓ ଅଧ୍ୟବସାୟ ବଳରେ ଗବେଷଣା ତଥା ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

### ଦୈବୀ ପ୍ରତିକାର

ପ୍ରତ୍ୟେହ ଗୋମୂତ୍ର ଜଳରେ ମିଶାଇ ସ୍ନାନ କରନ୍ତୁ । ସକାଳେ ଓ ରାତିରେ ସିଦ୍ଧ କୁଞ୍ଜିକା ସ୍ତୋତ୍ର ପାଠ କରନ୍ତୁ ।





## କୁମ୍ଭ

**ସ୍ୱାସ୍ଥ୍ୟ** : ଲଗ୍ନରେ ରାହୁ ଓ ବୃହସ୍ପତିଙ୍କ ପୂର୍ଣ୍ଣଦୃଷ୍ଟି ଯୋଗୁ ବର୍ଷସାରା ସ୍ୱାସ୍ଥ୍ୟ ସେପରି ଆଖି ଦୃଶିଆ ସ୍ୱାସ୍ଥ୍ୟହାନି ହେବାର ସମ୍ଭାବନା ନାହିଁ। ପୁରୁଣା ରୋଗର ପ୍ରକୋପ କମିଯିବାରୁ ମାନସିକ ଶାନ୍ତି, ମାନସିକତା ସ୍ଥିରତା ତଥା ସାହସିକତା ବୃଦ୍ଧି ପାଇବ। ସ୍ୱାସ୍ଥ୍ୟରେ ଉନ୍ନତି ଦେଖାଦେବ। ମୋଟାମୋଟି ଭାବରେ ସ୍ୱାସ୍ଥ୍ୟରେ ସେପରି ବଡ଼ ସମସ୍ୟା ଦେଖାଦେବ ନାହିଁ।

**ପରିବାର** : ପରିବାର: ପରିବାରରେ ସଦାର୍ସବଦା ଶାନ୍ତିର ବାତାବରଣ ଦେଖାଦେବ। ପରିବାର ତଥା ସନ୍ତାନମାନଙ୍କ କାର୍ଯ୍ୟକଳାପ ସନ୍ତୋଷଜନକ ହେବ। ପରିବେଶ ଓ ପରିସ୍ଥିତି ଅନୁକୂଳ ହେତୁ ଗୃହରେ ଶୁଭ କାର୍ଯ୍ୟ ବିନା ବାଧାବିଘ୍ନରେ ସୁଚାରୁ ରୂପେ ସମ୍ପାଦିତ ହେବ। ଗୁରୁଜନ ତଥା ବ୍ରାହ୍ମଣମାନଙ୍କଠାରୁ ଆଶୀର୍ବାଦ ପ୍ରାପ୍ତି ହେବେ। ମୋଟାମୋଟି ଭାବରେ ବର୍ଷଟି ବହୁ ଦିଗରୁ ଲାଭବାନ ହେବା ସହ ଅନେକ ସମସ୍ୟାରୁ ମୁକୁଳି ସଫଳତା ପାଇବେ।

**ସାମାଜିକ ପ୍ରତିଷ୍ଠା** : ଭାଗ୍ୟସ୍ଥାନକୁ ବୃହସ୍ପତିଙ୍କ ପୂର୍ଣ୍ଣଦୃଷ୍ଟି ଥିବା ହେତୁ ବର୍ଷସାରା ମାଲିମକଦ୍ଦମାରେ ଉଲ୍ଲେଖନୀୟ ସଫଳତା ପାଇବା ସହ ସାଂଗଠନିକ କାର୍ଯ୍ୟ ତଥା ଧର୍ମାନୁଷ୍ଠାନ କ୍ଷେତ୍ରରେ ନେତୃତ୍ୱ ନେଇ ସମ୍ମାନସ୍ୱଦ ହେବେ। ନିଜର କୁଶଳୀ ବାକ୍ ଚାତୁରୀ ଦ୍ୱାରା ସମସ୍ତଙ୍କର ପ୍ରିୟପାତ୍ର ହେବା ସହ ଅନେକ କ୍ଷେତ୍ରରେ ଉଚ୍ଚ ପ୍ରଶଂସିତ ହେବେ। ରାଜନୀତି କ୍ଷେତ୍ରରେ ଉଚ୍ଚ ପଦପଦବିରେ ପ୍ରତିଷ୍ଠିତ ହେବେ। ଶତ୍ରୁ ସଂଖ୍ୟା ହ୍ରାସ ପାଇବ। ସମସ୍ତ ସମସ୍ୟାର ଆଶୁ ସମାଧାନ କରିବାର ସିଦ୍ଧହସ୍ତ ହେବେ।

**ଅର୍ଥନୈତିକ ଅବସ୍ଥା** : ଲଗ୍ନାଧିପତି ଦ୍ୱିତୀୟରେ ଥାଇ ରାହୁଙ୍କ ପୂର୍ଣ୍ଣଦୃଷ୍ଟି ଥିବାରୁ ଅର୍ଥନୈତିକ ଅବସ୍ଥା ଉତ୍ଥାନ ପତନ ଦେଇ ଗତି କରିବ। ବହୁ ଦିନର ଋଣ ପରିଶୋଧ କଲେ ମଧ୍ୟ ପୁନଶ୍ଚ ଋଣ କରିବେ। ଅଯଥା ଖର୍ଚ୍ଚରୁ ମୁକ୍ତି ପାଇଲେ ମଧ୍ୟ ଧନ ସଞ୍ଚୟରେ ବହୁ ବାଧାବିଘ୍ନ ଆସିବ। ବର୍ଷ ଶେଷ ଭାଗରେ ଭୂସମ୍ପତ୍ତି ଓ ଗୃହ ନିର୍ମାଣ କ୍ଷେତ୍ରରେ ଆଶାତୀତ ସଫଳତା ପାଇବେ। ବାଣିଜ୍ୟ ବ୍ୟବସାୟ ଦିଗରେ ଅନୁକୂଳ ପରିସ୍ଥିତି ଦେଖାଦେବ। ବହୁ ଅର୍ଥ ଆଗମନର ସୂଚନା ମିଳେ। ନୂତନ ବ୍ୟବସାୟ ତଥା ଦେଶ ବିଦେଶରୁ ଆର୍ଥିକ ଉନ୍ନତି ସହ ରାଜ ପୂଜିତ ହେବେ।

**ଛାତ୍ରଛାତ୍ରୀ** : ଭାଗ୍ୟ ଜାଗାକୁ ବୃହସ୍ପତି ତଥା ବିଦ୍ୟାକାରକ ଗ୍ରହ ବୁଧ କ୍ଷେତ୍ର ପରିବର୍ତ୍ତନ ଓ ପରସ୍ପର ପ୍ରତି ଦୃଷ୍ଟି ଦେଉଥିବା ହେତୁ ଛାତ୍ରଛାତ୍ରୀ ସମସ୍ତ କ୍ଷେତ୍ରରେ ଲାଭବାନ ହେବେ। ପ୍ରତିଯୋଗିତାମୂଳକ ପରୀକ୍ଷା, ଉଚ୍ଚଶିକ୍ଷାରେ ନିଜର ଅଭୀଷ୍ଟ ଓ ଅଭିଳାଷ ପୂରଣ ହେବ।

**ଦୈବୀ ପ୍ରତିକାର**
ଗୁରୁଜନମାନଙ୍କ ଆଶୀର୍ବାଦ ନିଅନ୍ତୁ। ଗୃହର ଇଷ୍ଟଦେବତାଙ୍କୁ ସ୍ମରଣ କରନ୍ତୁ। ମନେ ମନେ 'କ୍ରୀଂ କ୍ରୀଂ କ୍ରୀଂ" ମନ୍ତ୍ରକୁ ସଦାସର୍ବଦା ଜପ କରନ୍ତୁ।



## ମୀନ

**ସ୍ୱାସ୍ଥ୍ୟ** : ଏକାଦଶାଧିପତି ଲଗ୍ନସ୍ଥ ରାହୁ ଦୃଷ୍ଟ ହେତୁ ବର୍ଷସାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଭୟ ଶୁଭ ଓ ଅଶୁଭ ଫଳ ପାଇବେ। ପୁରାତନ ରୋଗର ସମସ୍ୟା ଦେଖାଦେବା ସହ ସାମୟିକ ମୂତ୍ରାଶୟଜନିତ ରୋଗ ଯୋଗୁଁ ବହୁ ଖର୍ଚ୍ଚାନ୍ତ ହେବେ। ଆଚରଣ, ଅସଂଯତ ବ୍ୟବହାର ତଥା ଅସ୍ୱାଭାବିକ ସଂଯମର ଅଭାବର ମାନସିକ ବ୍ୟାଧିର ଶିକାର ହେବାର ବହୁ ସମ୍ଭାବନା ଅଯଥା କ୍ରୋଧ ଓ ଅଯଥା ଦୂରଯାତ୍ରାରେ ଶାରୀରିକ କ୍ଲାନ୍ତି ବୃଦ୍ଧି ପାଇବ।

**ପାରିବାରିକ** : ଚତୁର୍ଥରେ ବୃହସ୍ପତି କର୍ମସ୍ଥାନକୁ ପୂର୍ଣ୍ଣ ଦୃଷ୍ଟିଦେଉଥିବାରୁ ଗୃହରେ ପାରିବାରିକ ଶାନ୍ତି ମିଳିବା ସହ ମାଙ୍ଗଳିକ କାର୍ଯ୍ୟ ସିଦ୍ଧିପ୍ରାପ୍ତି ହେବ। ଶତ୍ରୁ ପୀଡ଼ା ଦୂର ହେବା ସହ ଶତ୍ରୁମାନେ ପରାଜିତ ହେବେ। ପାରିବାରିକ ସହଯୋଗ ମିଳିବା ସହ ସନ୍ତାନ ସୁଖ ମିଳିବ। ବର୍ଷସାରା ଅତିଥି ଅଭ୍ୟାଗତଙ୍କ ଆଗମନ ଯୋଗୁଁ ମାନସିକ ଶାନ୍ତି ପାଇବା ସହ ସମସ୍ତଙ୍କ ସ୍ନେହ ଶ୍ରଦ୍ଧା ପ୍ରାପ୍ତି ହେବେ। ପତି-ପତ୍ନୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଭାତୃ ବିବାଦର ଅନ୍ତ ଘଟିବ।

**ସାମାଜିକ ପ୍ରତିଷ୍ଠା** : ବର୍ଷସାରା ସଦାସର୍ବଦା ସମାଜରେ ପ୍ରତିଷ୍ଠିତ ଖ୍ୟାତିସଂପନ୍ନ ଲୋକମାନଙ୍କଠାରୁ ସାହାଯ୍ୟ ଓ ସହାନୁଭୂତି ମିଳିବ। ସମସ୍ତ କ୍ଷେତ୍ରରେ ନିଜର ଆତ୍ମମର୍ଯ୍ୟାଦା ବୃଦ୍ଧି ପାଇବ, ରାଜନୀତି କ୍ଷେତ୍ରରେ, ବିଭିନ୍ନ ଧର୍ମାନୁଷ୍ଠାନ ଓ ସାମାଜିକ, ସାଂସ୍କୃତିକ କାର୍ଯ୍ୟକଳାପ ଉପରେ ନିଜର ଅପ୍ରତ୍ୟାଶିତ ଜ୍ଞାନକୌଶଳ ତଥା ନେତୃତ୍ୱ ଯୋଗୁଁ ସବୁ କ୍ଷେତ୍ରରେ ଖ୍ୟାତି ଓ ଯଶ ବୃଦ୍ଧି ପାଇବେ। କୋର୍ଟ କଚେରି ମାମଲାରେ ଆଶାତୀତ ସଫଳତା ପାଇବେ। ବହୁ କ୍ଷେତ୍ରରେ ଦୈବୀ କୃପା ମିଳିବା ହେତୁ ମାନସିକ ଶାନ୍ତି ପାଇବେ।

**ଅର୍ଥନୈତିକ ଅବସ୍ଥା** : ବାଣିଜ୍ୟ ବ୍ୟବସାୟ, ଅଂଶୀଦାର ବ୍ୟବସାୟ, ବୀମା ତଥା ଗୃହ କ୍ରୟ ବିକ୍ରୟ ବ୍ୟବସାୟରେ ସଦାସର୍ବଦା ଆର୍ଥିକ ଉନ୍ନତି ଦେଖାଦେବ। ଦେଶ ବିଦେଶରୁ ଅଚାନକ ବହୁ ଅର୍ଥ ଆଗମନର ସୂଚନା ମିଳେ। ପୂର୍ବରୁ କରିଥିବା ଋଣ ପରିଶୋଧ କରିବାର ସୁଯୋଗ ମିଳିବ। ଆୟପତି ଲଗ୍ନସ୍ଥ ତଥା ଲଗ୍ନାଧିପତି କେନ୍ଦ୍ର ସ୍ଥାନରେ ଥିବା ଯୋଗୁଁ ଧନ, ଜନ, ଗୋପଲକ୍ଷ୍ମୀ ଆଦି ବୃଦ୍ଧି ପାଇବ। ବ୍ୟବସାୟୀ, ଚାକିରିଜୀବୀ ତଥା କୃଷକମାନଙ୍କ ପାଇଁ ବର୍ଷଟି ଶୁଭଫଳ ପାଇବେ।

**ଛାତ୍ରଛାତ୍ରୀ** : ବର୍ଷସାରା ଛାତ୍ରଛାତ୍ରୀମାନଙ୍କ ପାଇଁ ସର୍ବତ୍ର କ୍ଷେତ୍ରରେ ଶୁଭଫଳ ପାଇବେ। ଭାଗ୍ୟୋଦୟ ହବ, ଧନ୍ଦାମୂଳକ ବୈଷୟିକ ଶିକ୍ଷା, ପ୍ରତିଯୋଗିତାମୂଳକ ପରୀକ୍ଷାରେ ନିଜର ଅଭୀଷ୍ଟ ପୂରଣ ରହିବେ। ଉଚ୍ଚଶିକ୍ଷା ପାଇଁ ଦୂରଯାତ୍ରାରେ ଶୁଭଫଳ ପାଇବେ। ■

**ଦୈବୀ ପ୍ରତିକାର**
ଦୂରଯାତ୍ରାରେ ପାଖରେ ତୁଳସୀ ପତ୍ର ରଖନ୍ତୁ। ହଳଦୀ ଓ ହରିଡ଼ାକୁ ଘୋରି ମସ୍ତକରେ ତିଳକ କରି ଲଗାନ୍ତୁ।







# ଗ୍ରହ ଚଳନ

**ଶନି :** ବର୍ଷସାରା ଶନି ମୀନ ରାଶିରେ ଅବସ୍ଥାନ କରିବେ । ଜାନୁଆରୀ ୯ (ନଅ) ତାରିଖ ଉତ୍ତର ଭାଦ୍ର ନକ୍ଷତ୍ର ମୀନ ରାଶିକୁ ପ୍ରବେଶ କରିବେ । ପୁନଶ୍ଚ ମେ ୧୭ ତାରିଖରୁ ରେବତୀ ନକ୍ଷତ୍ର ମୀନରାଶିକୁ ପ୍ରବେଶ କରିବେ । ଅକ୍ଟୋବର ୯ (ନଅ) ତାରିଖ ପୁନଶ୍ଚ ଉତ୍ତର ଭାଦ୍ରପଦ ନକ୍ଷତ୍ର ମୀନ ରାଶିକୁ ଚଳନ କରିବେ ।

**ବୃହସ୍ପତି :** ବର୍ଷ ଆରମ୍ଭରୁ ବୃହସ୍ପତି ତା: ୧୧-୦୩-୨୦୨୬ ରିଖ ପର୍ଯ୍ୟନ୍ତ ମିଥୁନ ରାଶିରେ ଅବସ୍ଥାନ କରିବେ । ବକ୍ରି ହେବେ । ପୁନଶ୍ଚ ତା: ୦୨-୦୬-୨୦୨୬ ରିଖ ବୃହସ୍ପତି କର୍କଟ ରାଶିକୁ ଗମନ କରିବେ । ପୁନଶ୍ଚ ତା: ୩୧-୧୦-୨୦୨୬ ରିଖ ଦିନ ସିଂହ ରାଶିକୁ ଗମନ କରିବ । ପୁନଶ୍ଚ ତା: ୧୩-୧୨-୨୦୨୬ ରିଖ ଦିନ ବୃହସ୍ପତି ସିଂହ ରାଶିରେ ବକ୍ରି ହେବେ ।

**ରାହୁ :** ରାହୁ ତା: ୦୫-୧୨-୨୦୨୬ ପର୍ଯ୍ୟନ୍ତ କୁମ୍ଭ ରାଶିରେ ଅବସ୍ଥାନ କରିବେ । ରାହୁ ତା: ୦୨-୦୮-୨୦୨୬ ରିଖ ରାହୁ ଧନିଷ୍ଠା ନକ୍ଷତ୍ର ମକରକୁ ଚଳନ କରିବେ । ପୁନଶ୍ଚ ତା: ୦୫-୧୨-୨୦୨୬ ରିଖ ଦିନ ରାହୁ କୁମ୍ଭ ରାଶିରୁ ମକର ରାଶିକୁ ଗମନ କରିବେ ।

**କେତୁ :** କେତୁ ଡିସେମ୍ବର ମାସ ପର୍ଯ୍ୟନ୍ତ ସିଂହ ରାଶିରେ ଅବସ୍ଥାନ କରିବେ । ପୁନଶ୍ଚ ତା: ୨୫-୦୧-୨୦୨୬ ରିଖ କେତୁ ପୂର୍ବ ଫାଲଗୁନୀ ନକ୍ଷତ୍ରର ପ୍ରଥମ ପାଦରେ ଚଳନ କରିବେ । ପୁନଶ୍ଚ ତା ୨୯-୦୩-୨୦୨୬ ମଘା ନକ୍ଷତ୍ରକୁ ଗମନ କରିବେ । ପୁନଶ୍ଚ ତା ୨୫-୧୧-୨୦୨୬ ରିଖ କେତୁ ଅଶ୍ଳେଷା ନକ୍ଷତ୍ରକୁ ଗମନ କରିବେ । ପୁନଶ୍ଚ ତା ୦୫-୧୨-୨୦୨୬ରିଖ କେତୁ ସିଂହ ରାଶିଠାରୁ କର୍କଟ ରାଶିକୁ ଗମନ କରିବେ । ■



## ସୂର୍ଯ୍ୟ ପରାଗ

ତା ୧୭-୦୨-୨୦୨୬ ମସିହା ଫାଲ୍‌ଗୁନ କୃଷ୍ଣପକ୍ଷ ଅମାବାସ୍ୟା ମଙ୍ଗଳବାର ଦିନ ଅଦୃଶ୍ୟ ସୂର୍ଯ୍ୟ ପରାଗ ହେତୁ ଓଡ଼ିଶାରେ ପାଳନୀୟ ହେବ ନାହିଁ । ତା: ୧୨-୦୮-୨୦୨୬ ମସିହା ଶ୍ରାବଣ କୃଷ୍ଣପକ୍ଷ ବୁଧବାର ଦିନ ଅଦୃଶ୍ୟ ସୂର୍ଯ୍ୟ ପରାଗ ହେବ । ଓଡ଼ିଶାକୁ ଅଦୃଶ୍ୟ ହେତୁ ପାଳନୀୟ ହେବ ନାହିଁ । ■



## ଚନ୍ଦ୍ର ଗ୍ରହଣ

ତା: ୦୩-୦୩-୨୦୨୬ ମସିହା ଫାଲ୍‌ଗୁନ ଶୁକ୍ଳପକ୍ଷ ପୂର୍ଣ୍ଣିମା ହେତୁ, 'ଖ' ଗ୍ରାସ ଚନ୍ଦ୍ରଗ୍ରହଣ ଯୋଗୁଁ ଓଡ଼ିଶାକୁ ଲାଗି ରହିବ । ସୂର୍ଯ୍ୟୋଦୟଠାରୁ ସନ୍ଧ୍ୟା ଘ: ୦୬-୪୮ ମି: ମଧ୍ୟେ ପାକତ୍ୟାଗ ଓ ଦେବନୀତି ନିଷେଧ । ସଂଧ୍ୟା ୫:୪୩ଠାରୁ ସନ୍ଧ୍ୟା ୦୭.୫୩ ପର୍ଯ୍ୟନ୍ତ ଚନ୍ଦ୍ର ଗ୍ରହଣ ରହିବ । ତା: ୨୮.୦୮.୨୦୨୬ ମସିହା ଶ୍ରାବଣ ଶୁକ୍ଳପକ୍ଷ ପୂର୍ଣ୍ଣିମା ଶୁକ୍ରବାର ଦିନ ଅଦୃଶ୍ୟ ଚନ୍ଦ୍ର ପରାଗ ହେତୁ ଓଡ଼ିଶାକୁ ପାଳନୀୟ ନୁହେଁ । ■



# ସ୍ୱତନ୍ତ୍ର ଦୈବୀ ଉପଚାର

- ଅଶ୍ୱିନୀ, ମଘା ଓ ମୂଳାନକ୍ଷତ୍ର ଜାତ ବ୍ୟକ୍ତି ବିଶେଷମାନେ ହନୁମାନ ଚାଳିଶା ପାଠ ସହ 'ଓଁ ଉଚ୍ଛିଷ୍ଟ ଗଣପତୟେ ସ୍ୱାହାଃ" ମନ୍ତ୍ରକୁ ମନେ ମନେ ଜପ କରିବା ସହ ଲାଲ ହଳଦିଆ ମିଶ୍ରିତ ରଙ୍ଗର ପୋଷାକ ପରିଧାନ କଲେ ସମସ୍ତ କର୍ମରେ ସଫଳତା ପାଇବେ ।
- ଦ୍ୱିଜା, ପୂର୍ବଫାଲ୍‌ଗୁନୀ ଓ ପୂର୍ବାଷାଢ଼ା ନକ୍ଷତ୍ର ଜାତ ବ୍ୟକ୍ତିମାନେ ପ୍ରତ୍ୟେହ 'ଶ୍ରୀସୂକ୍ତ' ପାଠ କରିବା ସହ ଧଳା ହାଲୁକା କମଳା ରଙ୍ଗର ପୋଷାକ ଧାରଣ କଲେ ସମାଜରେ ସୁଖ୍ୟାତି ଅର୍ଜନ କରିବେ ।
- କୃତ୍ତିକା ଉତ୍ତର ଫାଲଗୁନୀ ଓ ଉତ୍ତରାଷାଢ଼ା ନକ୍ଷତ୍ର ଜାତ ବ୍ୟକ୍ତି ବିଶେଷମାନେ ଗୁରୁଜନ ଓ ଉଦୟକାଳୀନ ସୂର୍ଯ୍ୟଙ୍କୁ ବାରମ୍ବାର ପ୍ରଣାମ କରିବା ସହ ହଳଦୀ ଜଳରେ ସ୍ନାନ କରିବା ସହ ହଳଦିଆ ମିଶ୍ରିତ ଲାଲ ରଙ୍ଗର ପୋଷାକ ଧାରଣ କଲେ ନିଜର ମନୋସ୍କାମନା ପୂରଣ ହେବ ।
- ରୋହିଣୀ ଓ ଶ୍ରାବଣୀ ଜାତ ବ୍ୟକ୍ତିମାନେ ସକାଳେ ଓ ରାତ୍ରରେ ଶୋଇବା ପୂର୍ବରୁ ମନେ ମନେ 'କ୍ଳୀଂ କୃଷ୍ଣାୟନମଃ' ମନ୍ତ୍ର ବାରମ୍ବାର ଜପ କରିବା ସହ ଘିଅ ରଙ୍ଗର ପୋଷାକ ଧାରଣ କରିବା ଦ୍ୱାରା ଭାଗ୍ୟର ଉନ୍ନତି ଦେଖାଦେବ ।
- ମୃଗଶିରା, ଚିତ୍ରା ଓ ଧନିଷ୍ଠା ନକ୍ଷତ୍ର ଜାତ ବ୍ୟକ୍ତିମାନେ ହଳଦୀ ଗୁଣ୍ଡ ସହ ତୁଳସୀ ବୃକ୍ଷର ମାଟି ତିଳକ କରି ମସ୍ତକରେ ଲଗାଇବା ସହ ହାଲୁକା ନାରଙ୍ଗୀ ରଙ୍ଗର ପୋଷାକ ଧାରଣ କରିବା ଦ୍ୱାରା ସମାଜ ତଥା ରାଜ ଦରବାରରେ ସମ୍ମାନିତ ହେବେ ।
- ଆଦ୍ରା, ସ୍ୱାତୀ ଓ ଶତଭିଷା ନକ୍ଷତ୍ର ଜାତ ବ୍ୟକ୍ତି ଧଳା ଚନ୍ଦନ ମସ୍ତକରେ ଲଗାଇବା ସହ ଦୁର୍ଗା ସପ୍ତସତୀପାଠ କରିବେ । ମାଟିଆ ତଥା ଧୂସର ରଙ୍ଗର ପୋଷାକ ପରିଧାନ କଲେ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇବା ସହ ମାନସିକ ଶାନ୍ତି ବଜାୟ ରହିବ ।
- ପୁନର୍ବସୁ, ବିଶାଖା ଓ ପୂର୍ବଭାଦ୍ରପଦ ନକ୍ଷତ୍ର ଜାତ ବ୍ୟକ୍ତି ବିଶେଷମାନେ ଦୈନିକ ସକାଳେ ଶ୍ରୀଜଗନ୍ନାଥଙ୍କ ପ୍ରତିଛବିକୁ କିଛି ସମୟ ମନେ ମନେ ଚିନ୍ତା କରି ଶଙ୍ଖ ଜଳ ସେବନ କରିବେ । ହାଲକା ଲାଲ ମିଶ୍ରିତ ହଳଦିଆ ରଙ୍ଗର ବସ୍ତ୍ର ପରିଧାନ କଲେ ନିଜର ମନସ୍କାମନା ପୂର୍ଣ୍ଣ ହେବ ।
- ପୁଷ୍ୟା, ଅନୁରାଧା ଓ ଉତ୍ତର ଭାଦ୍ରପଦ ନକ୍ଷତ୍ର ବ୍ୟକ୍ତି ବିଶେଷମାନେ ମା' ଦକ୍ଷିଣକାଳୀଙ୍କ ବୀଜମନ୍ତ୍ର 'କ୍ରୀଂ କ୍ରୀଂ କ୍ରୀଂ' ମନେ ମନେ ସକାଳେ କିଛି ସମୟ ଜପ କରିବା ସହ ଲାଲ ଚନ୍ଦନ ଟିକା କପାଳରେ ଟିକା ଲଗାଇବେ । ସବୁଜ କିମ୍ବା ନୀଳ ରଙ୍ଗର ବସ୍ତ୍ର ପରିଧାନ କଲେ ସମାଜରେ ସମ୍ମାନିତ ହେବା ସହ ମାନସିକ ଶାନ୍ତି ପାଇବେ ।
- ଅଶ୍ଳେଷା, ଜ୍ୟେଷ୍ଠା ଓ ରେବତୀ ନକ୍ଷତ୍ର ବ୍ୟକ୍ତି ବିଶେଷମାନେ ସବୁଦିନେ ସକାଳେ ମନେ ମନେ "ଓଁ ଗଂ ନମଃ" ମନ୍ତ୍ରକୁ ବାରମ୍ବାର ଜପ କରିବେ । ନୀଳ କିମ୍ବା ହାଲୁକା ସବୁଜ ରଙ୍ଗର ପୋଷାକ ଧାରଣ କରିବା ଦ୍ୱାରା ସର୍ବବିଘ୍ନ ବିନାଶ ଶତ୍ରୁ ବିନାଶ ତଥା ସବୁଠାରେ ବିଜୟୀ ପ୍ରାପ୍ତି ହେବେ । ■

# ରାଶି ଅନୁଯାୟୀ ଗୁଣ ଓ ଚରିତ୍ର





ରାଜ ଜ୍ୟୋତିଷ ଦିଲ୍ଲୀପ କୁମାର ଦାସ

ଅଙ୍କ ଜ୍ୟୋତିଷ ରାଶିଫଳ ଅନୁସାରେ, ନୂତନ ବର୍ଷ ୨୦୨୬ କିଛି ସଫଳତା, କିଛି ବିଫଳତା ଆଣିବ । କେତେକ ରାଶିର ବ୍ୟକ୍ତିଙ୍କ ପାଇଁ ନୂଆ ବର୍ଷ ବେଶ୍ ଅନୁକୂଳ ହେବ । ଆଉ କେତେକଙ୍କ ପାଇଁ ଭାଗ୍ୟ ଟିକିଏ ପ୍ରତିକୂଳ ରହିବ । ମାତ୍ର କଠିନ ପରିଶ୍ରମ, ଅଧ୍ୟବସାୟ ଓ ଧୈର୍ଯ୍ୟ ବଦଳାଇ ଦେବ ଭବିଷ୍ୟତ । ଆର୍ଥିକସ୍ଥିତି ମଜଭୁତ ହେବ, ଲୋକଙ୍କ ପ୍ରିୟଭାଜନ ହୋଇ ଆପଣ ସାଜିବେ ଆକର୍ଷଣ । ସୁଗୁଣ, ସତ୍ ଚରିତ୍ର ଓ ଆକର୍ଷଣୀୟ ବ୍ୟକ୍ତିତ୍ୱ ସୃଷ୍ଟି କରିବ ସ୍ୱତନ୍ତ୍ର ପରିଚୟ । ରାଶି ଅନୁଯାୟୀ କେଉଁ ବ୍ୟକ୍ତିଙ୍କ ଗୁଣ ଓ ଚରିତ୍ର କିଭଳି ରହିବ, ତାକୁ ନେଇ ଏଇ ଉପସ୍ଥାପନା ।



## ମେଷ

୧

ଆପଣଙ୍କ ରାଶି ହେଲା ମେଷ, ରାଶି ଚିହ୍ନ ହେଲା ମେଣ୍ଢା । ଏହି ରାଶିର ସ୍ୱାମୀ ହେଲେ ମଙ୍ଗଳ । ରାଶିର ତତ୍ତ୍ୱ ହେଲା ଅଗ୍ନି, ରାଶିର ସ୍ୱରୂପ ହେଲା ଚର, ଦିଗ ହେଲା ପୂର୍ବ, ରାଶିର ଲିଙ୍ଗ ଓ ଗୁଣ ହେଲା ପୁରୁଷ, ଜାତି କ୍ଷତ୍ରିୟ ଏବଂ ପ୍ରକୃତି କ୍ରୂର । ରାଶିର ଅଙ୍ଗ ହେଲା ମୁଣ୍ଡ, ଅନୁକୂଳ ରତ୍ନ ହେଲା ମୁଙ୍ଗା, ରଙ୍ଗ ହେଲା ଲାଲ୍, ଶୁଭ ଦିନ ହେଲା ମଙ୍ଗଳବାର ଓ ରବିବାର । ଅନୁକୂଳ ଦେବୀ ହେଲେ ମା' ମଙ୍ଗଳା ଓ ଦେବତା ହେଲେ ହନୁମାନ । ବ୍ରତ ଉପବାସ ମଙ୍ଗଳବାର କରନ୍ତୁ । ଅନୁକୂଳ ତାରିଖ ହେଲା ୯,୧୮ ,୨୭ । ଅନୁକୂଳ ଅଙ୍ଗ ହେଲା ୯ । ମିତ୍ର ରାଶି ହେଲେ ସିଂହ, ତୁଳା, ଧନୁ । ଶତ୍ରୁ ରାଶି ହେଲେ ମିଥୁନ ଏବଂ କନ୍ୟା । ମେଷ ରାଶିଙ୍କ ବ୍ୟକ୍ତିତ୍ୱ କ୍ରୋଧଯୁକ୍ତ ଓ ସାହସୀ । ସକାରାତ୍ମକ ତତ୍ତ୍ୱ ହେଉଛି କୁଟୁମ୍ବ ପୋଷିବାବାଲା । ନକାରାତ୍ମକ ତତ୍ତ୍ୱ ହେଲା ଧୈର୍ଯ୍ୟଶାଳୀ ।



## ବୃଷ

୨

ଆପଣଙ୍କ ରାଶି ହେଲା ବୃଷ । ବୃଷ ରାଶିର ଚିହ୍ନ ହେଲା ବୃଷଭ (ଷଣ୍ଢ) । ରାଶିର ସ୍ୱାମୀ ହେଲେ ଶୁକ୍ର, ରାଶିର ତତ୍ତ୍ୱ ହେଲା ପୃଥିବୀ, ରାଶିର ସ୍ୱରୂପ ହେଲା ଶିର, ଦିଗ ବା ଦିଶା ହେଲା ଦକ୍ଷିଣ, ରାଶିର ଲିଙ୍ଗ ଓ ଗୁଣ ହେଲା ସ୍ତ୍ରୀ ଓ ରଜ ଗୁଣ । ରାଶିର ଜାତି ହେଲା ବୈଶ୍ୟ । ଏହି ରାଶିର ପ୍ରକୃତି ଓ ସ୍ୱଭାବ ହେଲା ସୌମ୍ୟ ଓ ବାତ ପ୍ରକୃତି । ରାଶିର ଅଙ୍ଗ ହେଲା ମୁଖ, ଅନୁକୂଳ ରତ୍ନ ହେଲା ହୀରା । ରଙ୍ଗ ହେଲା ଶ୍ୱେତ (ଧଳା), ଶୁଭ ଦିନ ହେଲା ଶୁକ୍ରବାର ଓ ଶନିବାର । ଅନୁକୂଳ ଦେବୀ ହେଲେ ମା' ଲକ୍ଷ୍ମୀ ଓ ସନ୍ତୋଷୀ । ଅନୁକୂଳ ଦେବତା ହେଲେ ଶିବ, ବ୍ରତ ଉପବାସ ଶୁକ୍ରବାର କରନ୍ତୁ । ଅନୁକୂଳ ତାରିଖ ହେଲା ୬,୧୫,୨୪ । ଅନୁକୂଳ ଅଙ୍କ ହେଲା ୬ । ମିତ୍ର ରାଶି ହେଲେ ମକର, କୁମ୍ଭ । ଶତ୍ରୁ ରାଶି ହେଲେ ସିଂହ, ଧନୁ ଓ ମୀନ । ବ୍ୟକ୍ତିତ୍ୱ ହେଲା ଗୁରୁ ଭକ୍ତି, କୃତଜ୍ଞ ଓ ଦୟାଳୁ । ସକାରାତ୍ମକ ତତ୍ତ୍ୱ ହେଲା ଅନ୍ୟକୁ ଆକର୍ଷିତ କରିବା ଓ ସୁନ୍ଦର ବସ୍ତ୍ର ଧାରଣ କରିବା । ନକାରାତ୍ମକ ତତ୍ତ୍ୱ ହେଲା ଗୃହରୁ ଦୂରରେ ବାସ କରିବା ଓ ଆଳସ୍ୟ ପରାୟଣ ହେବା ।





## ମିଥୁନ

ଆପଣଙ୍କ ରାଶି ହେଲା ମିଥୁନ, ମିଥୁନ ରାଶିର ଚିହ୍ନ ହେଲା ଯୁଗ୍ମ ସ୍ତ୍ରୀ ପୁରୁଷ। ରାଶିର ସ୍ୱାମୀ ହେଲେ ବୁଧ, ରାଶିର ତତ୍ତ୍ୱ ହେଲା ବାୟୁ। ରାଶିର ସ୍ୱରୂପ ହେଲା ଦ୍ୱିସ୍ୱଭାବ। ରାଶିର ଦିଗ ହେଲା ପଶ୍ଚିମ, ରାଶିର ଲିଙ୍ଗ ଓ ଗୁଣ ହେଲା ପୁରୁଷ (କୁମାର)। ରାଶିର ଜାତି ହେଲା ଶୁଦ୍ର, ପ୍ରକୃତି ଓ ସ୍ୱଭାବ ହେଲା କ୍ରୂର ସ୍ୱଭାବ, ତ୍ରିଧାତୁ ପ୍ରକୃତି। ରାଶିର ଅଙ୍ଗ ହେଲା କାନ୍ଧ, ଅନୁକୂଳ ରତ୍ନ ହେଲା ପନ୍ନା, ରଙ୍ଗ ହେଲା ସବୁଜ, ଶୁଭ ଦିନ ହେଲା ବୁଧବାର, ଅନୁକୂଳ ଦେବତା ଗଣପତି ଓ ଦେବୀ ହେଲେ ଗୌରୀ। ବ୍ରତ ଉପବାସ ବୁଧବାର। ଅନୁକୂଳ ତାରିଖ ହେଲା ୫,୧୪,୨୩, ୩୨,୪୧। ଅନୁକୂଳ ଅଙ୍କ ହେଲା ୫। ମିତ୍ର ରାଶି ମେଷ, ତୁଳା କୁମ୍ଭ, ସିଂହ, କନ୍ୟା। ଶତ୍ରୁ ରାଶି କର୍କଟ। ବ୍ୟକ୍ତିତ୍ୱ ଚତୁର, ସାହସୀ ଓ ବୁଦ୍ଧିମାନ। ସକାରାତ୍ମକ ତତ୍ତ୍ୱ ହେଲା କୁଶଳ, ବ୍ୟବସାୟୀ ବାକ୍‌ଚାତୁ। ନକାରାତ୍ମକ ତତ୍ତ୍ୱ ହେଲା ଗୃହରୁ ଦୂରରେ ବାସ କରିବା, ଅଳସୀ।



## କର୍କଟ

ଆପଣଙ୍କ ରାଶି ହେଲା କର୍କଟ, ରାଶିର ଚିହ୍ନ ହେଲା କଙ୍କଡ଼ା। ରାଶିର ସ୍ୱାମୀ ହେଲେ ଚନ୍ଦ୍ର, ରାଶିର ତତ୍ତ୍ୱ ହେଲା ଜଳ। ରାଶିର ସ୍ୱରୂପ ହେଲା ଚର, ରାଶିର ଦିଶା ହେଲା ଉତ୍ତର, ରାଶିର ଲିଙ୍ଗ ଓ ଗୁଣ ହେଲା ସ୍ତ୍ରୀ ଓ ସତ୍‌ଗୁଣ। ରାଶିର ଜାତି ହେଲା ବ୍ରାହ୍ମଣ, ପ୍ରକୃତି ଓ ସ୍ୱଭାବ ହେଲା ସୌମ୍ୟ। ସ୍ୱଭାବ ପଥ ପ୍ରକୃତି, ରାଶିର ଅଙ୍ଗ ହେଲା ଛାତି, କଲିଜା। ଅନୁକୂଳ ରତ୍ନ ହେଲା ମୋତି। ରଙ୍ଗ ହେଲା ଧଳା, ଶୁଭ ଦିନ ହେଲା ସୋମବାର। ଅନୁକୂଳ ଦେବତା ଭଗବାନ୍ ଶିବ, ବ୍ରତ ଉପବାସ ସୋମବାର। ଅନୁକୂଳ ତାରିଖ ହେଲା ୨,୧୧,୨୦, ୨୯। ଅନୁକୂଳ ଅଙ୍କ ହେଲା ୨, ମିତ୍ର ରାଶି ବିଛା, ମୀନ, ତୁଳା। ଶତ୍ରୁ ରାଶି ମେଷ, ସିଂହ, ଧନୁ, ମିଥୁନ, ମକର ଓ କୁମ୍ଭ। ବ୍ୟକ୍ତିତ୍ୱ ଅଧ୍ୟୟନ ପ୍ରିୟ, ଜଳପ୍ରିୟ, ଭାବୁକ, କୁଶଳ, ପ୍ରବନ୍ଧକ। ସକାରାତ୍ମକ ତତ୍ତ୍ୱ ହେଲା କଳ୍ପନାଶୀଳ, ଯୋଜନା କରିବାରେ ସକ୍ଷମ, ବିଶ୍ୱାସୀ। ନକାରାତ୍ମକ ତତ୍ତ୍ୱ ହେଲା ସବୁବେଳେ ଶରୀର ଖରାପ, ଅକ୍ଷମଶୀଳ।



## ସିଂହ

ଆପଣଙ୍କ ରାଶି ହେଲା ସିଂହ, ରାଶିର ଚିହ୍ନ ହେଲା ସିଂହ। ରାଶିର ସ୍ୱାମୀ ହେଲେ ସୂର୍ଯ୍ୟ, ରାଶିର ତତ୍ତ୍ୱ ହେଲା ଅଗ୍ନି ତତ୍ତ୍ୱ, ରାଶିର ସ୍ୱରୂପ ହେଲା ସ୍ଥିର। ରାଶିର ଦିଶା ହେଲା ପୂର୍ବ। ରାଶିର ଲିଙ୍ଗ ଓ ଗୁଣ ହେଲା ପୁରୁଷ ସତ୍ୱଗୁଣୀ। ରାଶିର ଜାତି ହେଲା କ୍ଷତ୍ରିୟ, ପ୍ରକୃତି ଓ ସ୍ୱଭାବ ହେଲା କ୍ରୂର, ସ୍ୱଭାବ ପୀତ ପ୍ରକୃତି, ରାଶିର ଅଙ୍ଗ ହେଲା ହୃଦୟ। ଅନୁକୂଳ ରତ୍ନ ହେଲା ମାଣିକ୍ୟ। ରଙ୍ଗ ହେଲା ଚମ୍ପା ଏବଂ ହଳଦିଆ। ଶୁଭଦିନ ହେଲା ରବିବାର, ବୁଧବାର। ଅନୁକୂଳ ଦେବତା ସୂର୍ଯ୍ୟ, ବ୍ରତ ଉପବାସ ରବିବାର। ଅନୁକୂଳ ତାରିଖ ହେଲା ୧, ୧୦, ୧୯, ୨୮। ଅନୁକୂଳ ଅଙ୍କ ହେଲା ୧, ମିତ୍ର ରାଶି ମିଥୁନ, କନ୍ୟା, ମେଷ ଓ ଧର୍ମ। ଶତ୍ରୁ ରାଶି ବୃଷ, ତୁଳା, ମକର ଓ କୁମ୍ଭ। ବ୍ୟକ୍ତିତ୍ୱ ପ୍ରବଳ ପରାକ୍ରମୀ, ମହତ୍ତ୍ୱାକାଂକ୍ଷୀ, ଅଧିକାର ପ୍ରିୟତା। ସକାରାତ୍ମକ ତତ୍ତ୍ୱ ହେଲା ଖୋଲା ମନ, ଅତ୍ୟଧିକ ବୁଦ୍ଧିମାନ, ଉଦାର ମନ। ନକାରାତ୍ମକ ତତ୍ତ୍ୱ ହେଲା ଅତି ଘମଣ୍ଡ, ନିଜ ଉପରେ ଅତ୍ୟଧିକ ବିଶ୍ୱାସ।



## କନ୍ୟା

କନ୍ୟା ରାଶି ଚିହ୍ନ ହେଲା ହାତରେ ଧାନ ଧରିଥିବା କୁଆଁରି ଝିଅ। ରାଶିର ସ୍ୱାମୀ ହେଲେ ବତୁଧ, ରାଶିର ତତ୍ତ୍ୱ ହେଲା ପୃଥିବୀ ତତ୍ତ୍ୱ, ରାଶିର ସ୍ୱରୂପ ହେଲା ଦ୍ୱି ସ୍ୱଭାବ, ରାଶିର ଦିଶା ହେଲା ଦକ୍ଷିଣ, ରାଶିର ଲିଙ୍ଗ ଓ ଗୁଣ ହେଲା ସ୍ତ୍ରୀ, ରାଶିର ଜାତି ହେଲା ବୈଶ୍ୟ। ପ୍ରକୃତି ଓ ସ୍ୱଭାବ ହେଲା ସୌମ୍ୟ, ବାତ ପ୍ରକୃତି। ରାଶିର ଅଙ୍ଗ ହେଲା ପେଟ। ଅନୁକୂଳ ରତ୍ନ ହେଲା ପନ୍ନା। ରଙ୍ଗ ହେଲା ସବୁଜ। ଶୁଭଦିନ ହେଲା ବୁଧବାର, ରବିବାର। ଅନୁକୂଳ ଦେବତା ଗଣପତି, ବ୍ରତ ଉପବାସ ବୁଧବାର। ଅନୁକୂଳ ତାରିଖ ହେଲା ୫, ୧୪, ୨୩। ଅନୁକୂଳ ଅଙ୍କ ହେଲା ୫। ମିତ୍ର ରାଶି ମିଥୁନ, ସିଂହ, ତୁଳା। ଶତ୍ରୁ ରାଶି କର୍କଟ। ବ୍ୟକ୍ତିତ୍ୱ ଦୋହରା ବ୍ୟକ୍ତିତ୍ୱ, ବିଦ୍ୱାନ, ଯୁଦ୍ଧ ଭୀରୁ, ଆଲୋଚକ ଲେଖକ। ସକାରାତ୍ମକ ତତ୍ତ୍ୱ ହେଲା ନିରନ୍ତର, କ୍ରିୟାଶୀଳତା, ବ୍ୟାବହାରିକ ଜ୍ଞାନ। ନକାରାତ୍ମକ ତତ୍ତ୍ୱ ହେଲା ଅତି ଛିଦ୍ରାନ ବେଶି, ଲୋକଙ୍କର ଖରାପ ଖୋଜିବା, କଳହ ପ୍ରିୟ, ଅଶୁଭ ଚିନ୍ତନ, ନଂକୁଶକ।



## ତୁଳା

ଆପଣଙ୍କର ରାଶି ହେଲା ତୁଳା, ରାଶି ଚିହ୍ନ ହେଲା ନିକିତି, ରାଶିର ସ୍ୱାମୀ ହେଲେ ଶୁକ୍ର, ରାଶିର ତତ୍ତ୍ବ ହେଲା ବାୟୁ ତତ୍ତ୍ୱ, ରାଶିର ସ୍ୱରୂପ ହେଲା ଚର, ରାଶିର ଦିଶା ହେଲା ପଶ୍ଚିମ, ରାଶିର ଲିଙ୍ଗ ଓ ଗୁଣ ହେଲା ପୁରୁଷ ରଜଗୁଣୀ, ରାଶିର ଜାତି ହେଲା ଶୁଦ୍ର, ପ୍ରକୃତି ଓ ସ୍ୱଭାବ ହେଲା କ୍ରୂର ସ୍ୱଭାବ ତ୍ରିଧାତୁ ପ୍ରକୃତି, ରାଶିର ଅଙ୍ଗ ହେଲା ଗୁପ୍ତାଙ୍ଗ। ଅନୁକୂଳ ରତ୍ନ ହେଲା ହୀରା। ରଙ୍ଗ ହେଲା ଧଳା। ଶୁଭଦିନ ହେଲା ଶୁକ୍ରବାର। ଅନୁକୂଳ ଦେବତା ଲକ୍ଷ୍ମୀ ଏବଂ ମହାଦେବ। ବ୍ରତ ଉପବାସ ଶୁକ୍ରବାର। ଅନୁକୂଳ ତାରିଖ ହେଲା ୬, ୧୫,୨୪। ଅନୂକୁଳ ଅଙ୍କ ହେଲା ୬, ମିତ୍ର ରାଶି ମିଥୁନ, ମକର, କୁମ୍ଭ, ଧନୁ, କର୍କଟ। ଶତ୍ରୁ ରାଶି ସିଂହ। ବ୍ୟକ୍ତିତ୍ୱ ଅନ୍ୱେଷଣ କରିବା। ସକାରାତ୍ମକ ତତ୍ତ୍ବ ହେଲା ଅନେକ ବୁଦ୍ଧିମାନ, ଆତ୍ମବିଶ୍ୱାସୀ ଏବଂ ଆକର୍ଷଣୀୟ ନକାରାତ୍ମକ ତତ୍ତ୍ୱ ହେଲା ଈର୍ଷା, ଘମଣ୍ଡ, ଧୃଷ୍ଟତା।



## ବିଛା

ଆପଣଙ୍କର ରାଶି ହେଲା ବିଛା, ରାଶି ଚିହ୍ନ ହେଲା ବିଛା। ରାଶିର ସ୍ୱାମୀ ହେଲେ ମଙ୍ଗଳ, ରାଶିର ତତ୍ତ୍ୱ ହେଲା ଜଳ, ତତ୍ତ୍ୱ, ରାଶିର ସ୍ୱରୂପ ହେଲା ସ୍ଥିର, ରାଶିର ଦିଶା ହେଲା ଉତ୍ତର, ରାଶିର ଲିଙ୍ଗ ଓ ଗୁଣ ହେଲା ସ୍ତ୍ରୀ, ରାଶିର ଜାତି ହେଲା ବ୍ରାହ୍ମଣ। ପ୍ରକୃତି ଓ ସ୍ୱଭାବ ହେଲା ସୌମ୍ୟ ସ୍ୱଭାବ, କଫ ପ୍ରକୃତି। ରାଶିର ଅଙ୍ଗ ହେଲା ପିଠି। ଅନୁକୂଳ ରତ୍ନ ହେଲା ମୁଙ୍ଗାର। ରଙ୍ଗ ହେଲା ଲାଲ। ଶୁଭଦିନ ହେଲା ମଙ୍ଗଳବାର। ଅନୁକୂଳ ଦେବୀ ଏବଂ ମଙ୍ଗଳା, ଶିବ, ଭୈରବ ଓ ହନୁମାନ। ବ୍ରତ ଉପବାସ ମଙ୍ଗଳବାର। ଅନୁକୂଳ ତାରିଖ ହେଲା ୯,୧୮, ୨୭। ଅନୁକୂଳ ଅଙ୍କ ହେଲା ୯। ମିତ୍ର, ରାଶି, କର୍କଟ ମୀନ। ଶତ୍ରୁ ରାଶି ମେଷ, ସିଂହ ଧନୁ। ବ୍ୟକ୍ତିତ୍ୱ କାନୁନ୍ ବାଜ୍, ଗଣକ, ସନ୍ଥ, ସମୀକ୍ଷକ। ସକାରାତ୍ମକ ତତ୍ତ୍ୱ ହେଲା ବୁଦ୍ଧିମାନ ନିଡର୍, ପ୍ରକୃତି ପ୍ରେମୀ। ନକାରାତ୍ମକ ତତ୍ତ୍ୱ ହେଲା ଅନ୍ୟକୁ ଡରେଇବା, କାହାକୁ ଖାତିର ନ କରିବା, ନିଜ ବୁଦ୍ଧିକୁ ସର୍ବଶ୍ରେଷ୍ଠ ମନେ କରିବା।





## ଧନୁ

ଆପଣଙ୍କ ରାଶି ହେଲା ଧନୁ, ରାଶି ଚିହ୍ନ ହେଲା ଧନୁ ଏବଂ ତୀର, ରାଶିର ସ୍ୱାମୀ ହେଲେ ବୃହସ୍ପତି, ରାଶିର ତତ୍ତ୍ୱ ହେଲା ଅଗ୍ନି, ରାଶିର ସ୍ୱରୂପ ହେଲା ଦ୍ୱିସ୍ୱଭାବ, ରାଶିର ଦିଶା ହେଲା ପର୍ବ, ରାଶିର ଲିଙ୍ଗ ଓ ଗୁଣ ହେଲା ପୁରୁଷ ସତଗୁଣୀ, ରାଶିର ଜାତି ହେଲା କ୍ଷତ୍ରିୟ। ପ୍ରକୃତି ଓ ସ୍ୱଭାବ ହେଲା କ୍ରୂର ସ୍ୱଭାବ, ପିତ ପ୍ରକୃତି । ରାଶିର ଅଙ୍ଗ ହେଲା ଜଙ୍ଘ। ଅନୁକୂଳ ରତ୍ନ ହେଲା ପୋଖରାଜ। ରଙ୍ଗ ହେଲା ହଳଦିଆ । ଶୁଭଦିନ ହେଲା ଗୁରୁବାର। ଅନୁକୂଳ ଦେବୀ ଏବଂ ଦେବତା ବିଷ୍ଣୁ ଓ ବୈଷ୍ଣବୀ। ବ୍ରତ ଉପବାସ ଗୁରୁବାର। ଅନୁକୂଳ ତାରିଖ ହେଲା ୩,୧୨,୨୧.୩୦ । ଅନୁକୂଳ ଅଙ୍କ ହେଲା ୩ । ମିତ ରାଶି ମେଷ ଏବଂ ସିଂହ। ଶତ୍ରୁ ରାଶି କର୍କଟ, ବିଛା, ମୀନ। ବ୍ୟକ୍ତିତ୍ୱ ଗୁଣଗ୍ରାହୀ, ଅଦ୍ଭୁତି, ଅଧ୍ୟୟନ ପ୍ରିୟତା। ସକାରାତ୍ମକ ତତ୍ତ୍ୱ ହେଲା ବୁଦ୍ଧିବାଦୀ, ତର୍କ, ଲକ୍ଷ୍ୟପ୍ରାପ୍ତି । ନକାରାତ୍ମକ ତତ୍ତ୍ୱ ହେଲା ଅତି ଧୃଷ୍ଟତା, ଅସାମାଜିକତା, ଅବ୍ୟାବହାରିକ।

୩



## କୁମ୍ଭ

ଆପଣଙ୍କର ରାଶି ହେଲା କୁମ୍ଭ, ରାଶି ଚିହ୍ନ ହେଲା କଳସ। ରାଶିର ସ୍ୱାମୀ ହେଲେ ଶନି, ରାଶିର ତତ୍ତ୍ୱ ହେଲା ବାୟୁ ତତ୍ତ୍ୱ, ରାଶିର ସ୍ୱରୂପ ହେଲା ସ୍ଥିର, ରାଶିର ଦିଶା ହେଲା ପଶ୍ଚିମ, ରାଶିର ଲିଙ୍ଗ ଓ ଗୁଣ ହେଲା ପୁରୁଷୋତ୍ତମ ଗୁଣୀ, ରାଶିର ଜାତି ହେଲା ଶୁଦ୍ର। ପ୍ରକୃତି ଓ ସ୍ୱଭାବ ହେଲା କ୍ରୂର ସ୍ୱଭାବ,ତ୍ରିଧାତୁ ପ୍ରକୃତି। ଅନୁକୂଳ ରତ୍ନ ହେଲା ନିଲମ। ରଙ୍ଗ ହେଲା ନୀଳ, ଆକାଶି ଏବଂ କଳା। ଶୁଭଦିନ ହେଲା ଶନିବାର, ଶୁକ୍ରବାର। ଅନୁକୂଳ ଦେବୀ ଏବଂ ଦେବତା ଶନିଦେବ, ମାତା କାଳୀ। ବ୍ରତ ଉପବାସ ଶନିବାର। ଅନୁକୂଳ ତାରିଖ ହେଲା ୮,୧୭,୨୬ ।ଅନୁକୂଳ ଅଙ୍କ ହେଲା ୮ । ମିତ୍ର ରାଶି ମୀନ, ବୃଷ, ମକର। ଶତ୍ରୁ ରାଶି କର୍କଟ, ମେଷ, ସିଂହ। ବ୍ୟକ୍ତିତ୍ୱ ଅବଧୂତ, ଯୋଗୀ, ସାଧକ, ତପସ୍ୱୀ, ସତ୍ୟଖୋଜି, ଅନ୍ୱେଷକ, ଯଶସ୍ୱୀ। ସକାରାତ୍ମକ ତତ୍ତ୍ୱ ହେଲା ସମ୍ବେଦନଶୀଳ, ସମାଜପ୍ରିୟ, କୁଟୁମ୍ବପ୍ରେମୀ। ନରକାରାତ୍ମକ ତତ୍ତ୍ୱ ହେଲା ନିରନ୍ତର ବିଚାର ବଦଳାଇବା ପ୍ରକୃତି।

୮



## ମୀନ

ଆପଣଙ୍କର ରାଶି ହେଲା ମୀନ, ରାଶି ଚିହ୍ନ ହେଲା ଦୁଇଟି ମାଛ, ରାଶିର ସ୍ୱାମୀ ହେଲେ ବୃହସ୍ପତି, ରାଶିର ତତ୍ତ୍ୱ ହେଲା ଜଳତତ୍ତ୍ୱ, ରାଶିର ସ୍ୱରୂପ ହେଲା ଦ୍ୱିସ୍ୱଭାବ, ରାଶିର ଦିଶା ହେଲା ଉତ୍ତର, ରାଶିର ଲିଙ୍ଗ ଓ ଗୁଣ ହେଲା ସ୍ତ୍ରୀ ସତଗୁଣୀ। ରାଶିର ଜାତି ହେଲା ବ୍ରାହ୍ମଣ । ପ୍ରକୃତି ଓ ସ୍ୱଭାବ ହେଲା ସୌମ୍ୟ ସ୍ୱଭାବ, କଫ ପ୍ରକୃତି। ରାଶିର ଅଙ୍ଗ ହେଲା ଚରଣ ଯୁଗଳ | ଅନୁକୂଳ ରତ୍ନ ହେଲା ପୋଖରାଜ। ରଙ୍ଗ ହେଲା ହଳଦୀ। ଶୁଭଦିନ ହେଲା ଗୁରୁବାର, ରବିବାର। ଅନୁକୂଳ ଦେବୀ ଏବଂ ଦେବତା ବିଷ୍ଣୁ ଏବଂ ବୈଷ୍ଣବି। ବ୍ରତ ଉପବାସ ଗୁରୁବାର। ଅନୁକୂଳ ତାରିଖ ହେଲା ୩, ୧୨, ୨୧, ୩୦। ଅନୂକୁଳ ଅଙ୍କ ହେଲା ୩। ମିତ୍ର ରାଶି କର୍କଟ ଏବଂ ବିଛା। ଶତ୍ରୁ ରାଶି ମେଷ, ସିଂହ, ଧନୁ । ବ୍ୟକ୍ତିତ୍ୱ ଅଧାତ୍ମିକ ପ୍ରେମୀ, ଭାବୁକ, ଅଧ୍ୟୟନଶୀଳ। ସକାରତ୍ମକ ତତ୍ତ୍ୱ ହେଲା ବିନମ୍ରତା, ସଜନଶୀଳତା, କଳ୍ପନାପ୍ରିୟ । ନକାରାତ୍ମକ ତତ୍ତ୍ୱ ହେଲା ଅଧୈର୍ଯ୍ୟଶୀଳତା, ଦାୟିତ୍ୱହୀନତା, ଅନିଶ୍ଚିତତା। ■

୩

ଭୁବନେଶ୍ୱର, ମୋ: ୮୮୯୫୧୭୭୩୧୨



## ମକର

ଆପଣଙ୍କର ରାଶି ହେଲା ମକର, ରାଶି ଚିହ୍ନ ହେଲା କୁମ୍ଭୀର, ରାଶିର ସ୍ୱାମୀ ହେଲେ ଶନି, ରାଶିର ତତ୍ତ୍ୱ ହେଲା ପୃଥିବୀ ତତ୍ତ୍ୱ, ରାଶିର ସ୍ୱରୂପ ହେଲା ଚର, ରାଶିର ଦିଶା ହେଲା ଦକ୍ଷିଣ, ରାଶିର ଲିଙ୍ଗ ଓ ଗୁଣ ହେଲା ସ୍ତ୍ରୀତମଗୁଣୀ, ରାଶିର ଜାତି ହେଲା ବୈଶ୍ୟ । ପ୍ରକୃତି ଓ ସ୍ୱଭାବ ହେଲା ସୌମ୍ୟ ସଭାବ, ବାତ ପ୍ରକୃତି। ରାଶିର ଅଙ୍ଗ ହେଲା ଆଣ୍ଠୁ। ଅନୁକୂଳ ରତ୍ନ ହେଲା ନିଲମ। ରଙ୍ଗ ହେଲା ନୀଳ, ଆକାଶି ଏବଂ କଳା । ଶୁଭଦିନ ହେଲା ଶନିବାର। ଅନୁକୂଳ ଦେବୀ ଏବଂ ଦେବତା ଶନିଦେବ ମାତା କାଳୀ। ବ୍ରତ ଉପବାସ ଶନିବାର। ଅନୁକୂଳ ତାରିଖ ହେଲା ୮,୧୭,୨୬। ଅନୂକୁଳ ଅଙ୍କ ହେଲା ୮ । ମିତ୍ର ରାଶି କୁମ୍ଭ। ଶତ୍ରୁ ରାଶି ସିଂହ। ବ୍ୟକ୍ତିତ୍ୱ ପରୋପକାରୀ, ଦୟାର ଅବତାର, ପ୍ରଶାସକ। ସକାରାତ୍ମକ ତତ୍ତ୍ୱ ହେଲା ବ୍ୟାବହାରିକ, ପୃଥିବୀପୃଷ୍ଠରେ ଚାଲିବାବାଲା କଠୋର ପରିଶ୍ରମୀ, ସତ୍ୟବାଦୀ। ନକାରାତ୍ମକ ତତ୍ତ୍ୱ ହେଲା ସମସ୍ତଙ୍କୁ ସନ୍ଦେହ କରିବା, ଅନେକ ବୁଝିଲା ପରେ କଥାକୁ ମାନିବା।

୮



## କେମିତି କଟିବ ସପ୍ତାହ

**ମେଷ** : ରବିବାରରେ ପୈତୃକ ସଂପତ୍ତିକୁ ନେଇ ବିବାଦ ଦେଖାଦେବ। ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରର ସ୍ଥାନ ପରିବର୍ତ୍ତନର ଯୋଗ ଅଛି। ବୁଧ, ଗୁରୁବାରରେ ବ୍ୟବସାୟରେ ଉତ୍ତମ ଜ୍ଞାନକୌଶଳ ପ୍ରୟୋଗ କରିବେ। ଶୁକ୍ର, ଶନିବାରରେ ଉପରିସ୍ଥ କର୍ମଚାରୀଙ୍କ ସହିତ ବଚସା ହୋଇପାରେ।

**ବୃଷ**: ରବିବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ। ସୋମ, ମଙ୍ଗଳବାରରେ ନୂଆ କାମ କରି ଉତ୍ସାହିତ ରହିବେ। ବୁଧ, ଗୁରୁବାରରେ ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ଚିନ୍ତିତ ରହିବେ। ଶୁକ୍ର, ଶନିବାରରେ ପାରିବାରିକ ନିବିଡ଼ତା ମଧ୍ୟ ବୃଦ୍ଧି ପାଇବ। ମହିଳାମାନେ ସ୍ୱାଧୀନମନା ହେବେ।

**ମିଥୁନ**: ରବିବାରରେ ପୁରୁଣା ସମସ୍ୟାର ସମାଧାନ ହେବ। ସୋମ, ମଙ୍ଗଳବାରରେ ମହିଳାମାନେ ଆଦର ସମ୍ମାନ ପାଇବେ। ବୁଧ, ଗୁରୁବାରରେ ଉପସ୍ଥିତବୁଦ୍ଧି ପ୍ରୟୋଗ କରି କାମ ହାସଲ କରି ପାରିବେ। ଶୁକ୍ର, ଶନିବାରରେ ରାଜନୀତିଜ୍ଞମାନେ ସଫଳତା ପାଇବେ।

**କର୍କଟ** : ରବିବାରରେ ଆଶାଆକାଂକ୍ଷା ପୂରଣ ହେବ । ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ସାଧାରଣ ସମସ୍ୟା ଉପୁଜିପାରେ। ବୁଧ, ଗୁରୁବାରରେ ପରିବାରଜନଙ୍କ ସହଯୋଗ ପାଇବେ। ଶୁକ୍ର, ଶନିବାର ଛାତ୍ରଛାତ୍ରୀମାନେ କୃତକାର୍ଯ୍ୟ ହେବେ। ବ୍ୟବସାୟ ପାଇଁ ଦୂରଯାତ୍ରା କରିପାରନ୍ତି।

**ସିଂହ** : ରବିବାରରେ ବିଳାସବ୍ୟସନରେ ସମୟ କାଟିବେ। ସୋମ, ମଙ୍ଗଳବାରରେ ବ୍ୟବସାୟରେ ମଧ୍ୟମ ଧରଣର ଲାଭ ପାଇବେ। ସ୍ୱାସ୍ଥ୍ୟ ଉତ୍ତମ ରହିବ। ବୁଧ, ଗୁରୁବାରରେ ଆର୍ଥିକ ଚିନ୍ତାକରି କଷ୍ଟ ପାଇପାରନ୍ତି। ବନ୍ଧୁ ସହଯୋଗ ମିଳିପାରେ। ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭବାନ ହେବେ।

**କନ୍ୟା** : ରବିବାରରେ ପାରିବାରିକ ଓ ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ । କେତେକ କ୍ଷେତ୍ରରେ ନିରବତା ଅବଲମ୍ବନ କରିବାକୁ ବାଧ ହେବେ । ସୋମ, ମଙ୍ଗଳବାରରେ କାର୍ଯ୍ୟରେ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ବୁଧ, ଗୁରୁବାରରେ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଶୁକ୍ର, ଶନିବାରରେ ପାରିବାରିକ ସୁଖଶାନ୍ତି ନଷ୍ଟ ହୋଇପାରେ।

**ତୁଳା** : ରବିବାରରେ ଜମିଜମା ମାମଲାକୁ ନେଇ ଶତ୍ରୁ ଉପୁଜିବେ। ସୋମ,ମଙ୍ଗଳବାରରେ ମାନସିକ ଅବସାଦର ଶିକାର ହୋଇପାରନ୍ତି। ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ଅସ୍ଥିରତା ଅନୁଭବ କରିବେ। ଶୁକ୍ର, ଶନିବାରରେ ସରକାରୀ ସହାୟତା ପାଇ ଦୀର୍ଘଦିନ ଧରି ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ।

**ବିଛା** : ରବିବାରରେ ପରିବାରଠାରୁ ସହଯୋଗ ନ ପାଇ ଦୁଃଖିତ ହେବେ। ସୋମ, ମଙ୍ଗଳବାରରେ ବେରୋଜଗାରୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ। ବୁଧ, ଗୁରୁବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରୁହନ୍ତୁ। ଶୁକ୍ର, ଶନିବାରରେ ଅକସ୍ମାତ୍ ବନ୍ଧୁମିଳନ ହୋଇପାରେ।

**ଧନୁ** : ରବିବାରରେ ପରିବାରରେ ସୁଖ-ସଂପ୍ରୀତି ବୃଦ୍ଧି ପାଇବ। ସୋମ, ମଙ୍ଗଳବାରରେ ଅଳ୍ପ ପରିଶ୍ରମ କରି ଅଧିକ ଫଳ ପାଇବାର ଆଶା ରଖିବେ। ବୁଧ, ଗୁରୁବାରରେ ଅବିବାହିତମାନଙ୍କ ପାଇଁ ବିବାହ ପ୍ରସ୍ତାବ ସ୍ଥିରୀକୃତ ହେବ। ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ସଂଯମତା ଅବଲମ୍ବନ କରନ୍ତୁ।

**ମକର** : ରବିବାରରେ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ। ସୋମ, ମଙ୍ଗଳବାରରେ ଅକସ୍ମାତ୍ ଦୂରଯାତ୍ରା କରିପାରନ୍ତି। ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇ ପାରେ। ଶୁକ୍ର, ଶନିବାରରେ ସନ୍ତାନମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ।

**କୁମ୍ଭ** : ରବିବାରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ। ସୋମ, ମଙ୍ଗଳବାରରେ ପାରିବାରିକ ଜୀବନ ସୁଖପ୍ରଦ ହେବ। ଗୁରୁଜନଙ୍କୁ ନେଇ ଚିନ୍ତିତ ରହିବେ। ବୁଧ, ଗୁରୁବାରରେ ଆକସ୍ମିକ ଭାବରେ ବ୍ୟୟଭାର ବୃଦ୍ଧି ପାଇବ। ଶୁକ୍ର, ଶନିବାରରେ ସାହିତ୍ୟ ଓ ପ୍ରଶାସନିକ ସ୍ତରରେ ଉଚ୍ଚସମ୍ମାନ ପାଇପାରନ୍ତି।

**ମୀନ** : ରବିବାରରେ ପ୍ରତ୍ୟେକ କାର୍ଯ୍ୟରେ ଶୁଭ ଫଳ ପାଇବେ। ସୋମ, ମଙ୍ଗଳବାରରେ ଅନ୍ୟମନସ୍କତା ପାଇଁ କିଛି ମୂଲ୍ୟବାନ ବସ୍ତୁ ହରାଇ ବସିବେ। ବୁଧ, ଗୁରୁବାରରେ ସହକର୍ମୀ ଅସନ୍ତୁଷ୍ଟ ହୋଇପାରନ୍ତି। ଶୁକ୍ର, ଶନିବାରରେ ବ୍ୟବସାୟ, ପରିବହନରୁ ଲାଭାନ୍ୱିତ ହେବେ। ■

# ୨୦୨୬ ପର୍ବପର୍ବାଣି





## ଜାନୁଆରୀ

ତା. ୧ : ଇଂରାଜୀ ନବବର୍ଷ
ତା. ୧୨ : ସ୍ୱାମୀ ବିବେକାନନ୍ଦ ଜୟନ୍ତୀ
ତା. ୧୪ : ମକର ସଂକ୍ରାନ୍ତି, ପୋଙ୍ଗଲ, ଫକୀର ମୋହନ ଜୟନ୍ତୀ
ତା. ୨୩ : ଶ୍ରୀପଞ୍ଚମୀ ( ସରସ୍ୱତୀ ପୂଜା), ନେତାଜୀ ସୁଭାଷ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ
ତା . ୨୫ : ମାଘ ସପ୍ତମୀ
ତା. ୨୬ : ସାଧାରଣତନ୍ତ୍ର ଦିବସ
ତା. ୩୦ : ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ



## ଫେବୃଆରୀ

ତା. ୧ : ମାଘ ପୂର୍ଣ୍ଣିମା, ଅଗ୍ନ୍ୟୁତ୍ସବ
ତା. ୧୩ : କୁମ୍ଭ ସଂକ୍ରାନ୍ତି
ତା. ୧୫ : ମହାଶିବରାତ୍ରି
ତା. ୨୬ : ଫଗୁ ଦଶମୀ, ଦୋଳଯାତ୍ରାରମ୍ଭ, ସୁଦଶାବ୍ରତ

## ମାର୍ଚ୍ଚ

ତା. ୪ : ହୋଲି ଉତ୍ସବ
ତା. ୮ : ପଞ୍ଚୁଦୋଳ ମିଳନ
ତା. ୨୧ : ଇଦୁଲ୍ ଫିତର୍
ତା. ୨୭ : ଶ୍ରୀରାମନବମୀ

## ଅପ୍ରେଲ

ତା. ୧ : ଉତ୍କଳ ଦିବସ, ହିଙ୍ଗୁଳା ଯାତ୍ରା
ତା. ୨ : ଚୈତ୍ର ପୂର୍ଣ୍ଣିମା
ତା. ୩ : ଗୁଡ୍ ଫ୍ରାଇଡେ
ତା. ୧୪ : ମହାବିଷୁବ (ପଣା) ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଆମ୍ବେଦକର ଜୟନ୍ତୀ
ତା. ୧୭ : ରୁକ୍ମିଣୀ ଅମାବାସ୍ୟା
ତା. ୨୦ : ଅକ୍ଷୟ ତୃତୀୟା
ତା. ୨୪ : ନୀଳାଦ୍ରି ମହୋତ୍ସବ, ଜାତୀୟ ପଞ୍ଚାୟତରାଜ ଦିବସ
ତା. ୨୮ : ମଧୁବାବୁ ଜୟନ୍ତୀ

## ମଇ

ତା. ୧ : ଶ୍ରମିକ ଦିବସ
ତା. ୯ : ଶ୍ରୀକ୍ଷେତ୍ରେ ଭଉଁରୀ ଯାତ୍ରା
ତା. ୧୦ : ଉତ୍କଳେ ଭଉଁରୀ ଯାତ୍ରା
ତା. ୧୬ : ସାବିତ୍ରୀ ବ୍ରତ
ତା. ୨୮ : ଇଦ୍‌ଜୁହା

## ଜୁନ୍

ତା. ୧୪ : ପ୍ରଥମ ରଜ
ତା. ୧୫ : ମିଥୁନ ରଜ ସଂକ୍ରାନ୍ତି
ତା. ୧୬ : ଭୂମିଦାହ
ତା. ୧୭ : ବସୁମତୀ ସ୍ନାନ
ତା. ୧୮ : ଶିବବିବାହ ଉତ୍ସବ
ତା. ୨୧ : ବିଶ୍ୱଯୋଗ ଦିବସ
ତା.୨୬ : ମହରମ୍ ପର୍ବ
ତା. ୨୯ : ଦେବସ୍ନାନ ପୂର୍ଣ୍ଣିମା



## ଜୁଲାଇ

ତା. ୧୪ : ନବଯୌବନ ଦର୍ଶନ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ
ତା. ୧୬ : ଶ୍ରୀଗୁଣ୍ଡିଚା (ରଥଯାତ୍ରା)
ତା. ୨୪ : ବାହୁଡ଼ା ରଥ ଯାତ୍ରା
ତା . ୨୫ : ସୁନାବେଶ
ତା. ୨୬ : ଅଧରପଣା
ତା. ୨୭ : ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେ ଉତ୍ସବ

## ଅଗଷ୍ଟ

ତା. ୧୫ : ସ୍ୱାଧୀନତା ଦିବସ
ତା. ୨୩ : ଶ୍ରୀକ୍ଷେତ୍ରେ ଝୁଲଣ ଯାତ୍ରା ଆରମ୍ଭ
ତା. ୨୭ : ବଳଦେବ ଜନ୍ମ, ରାକ୍ଷୀବନ୍ଧନ
ତା. ୩୦ : ଖୁଦୁରୁକୁଣୀ ଓଷାରମ୍ଭ

## ସେପ୍ଟେମ୍ବର

ତା. ୪ : ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ
ତା. ୫ : ନନ୍ଦୋତ୍ସବ, ଗୁରୁ ଦିବସ
ତା. ୧୪ : ବାଲି ତୃତୀୟା, ଗଣେଶ ପୂଜା
ତା. ୧୫ : ନୂଆଁଖାଇ
ତା. ୧୭ : ବିଶ୍ୱକର୍ମା ପୂଜା
ତା. ୧୯ : ସର୍ବସମ୍ମତ ରାଧାଷ୍ଟମୀ
ତା. ୨୦ : ଶ୍ରୀଅନୁକୂଳ ଚନ୍ଦ୍ର ଜୟନ୍ତୀ
ତା. ୨୩ : ବାମନ ଜନ୍ମ, ସୁନିଆଁ
ତା. ୨୫ : ଅନନ୍ତ ବ୍ରତ

## ଅକ୍ଟୋବର



ତା. ୨ : ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ
ତା. ୯ : ଉତ୍କଳମଣି ଗୋପବନ୍ଧୁ ଜୟନ୍ତୀ
ତା. ୧୦ : ମହାଳୟା ଅମାବାସ୍ୟା
ତା. ୧୬ : ତୁଳା (ଗର୍ଭଣା) ସଂକ୍ରାନ୍ତି
ତା. ୧୯ : ମହାଷ୍ଟମୀ ପୂଜା
ତା .୨୦ : ମୃଣ୍ମୟୀ ଦେବୀଙ୍କ ମହାନବମୀ ପୂଜା
ତା. ୨୨ : ସର୍ବସମ୍ମତ ପାପାଙ୍କୁଶ ଏକାଦଶୀ, ଭସାଣ ଯାତ୍ରା

## ନଭେମ୍ବର

ତା. ୧୪ : ଶିଶୁ ଦିବସ
ତା. ୧୮ : ଶ୍ରୀରାଧାଙ୍କ ପାଦ ଦର୍ଶନ
ତା. ୨୧ : ପଞ୍ଚକ ବ୍ରତାରମ୍ଭ
ତା. ୨୩. : ବଡ଼ଓଷା

## ଡିସେମ୍ବର

ତା. ୧ : ପ୍ରଥମାଷ୍ଟମୀ
ତା. ୨ : କାଞ୍ଜିଅଁଳା ଓଷା
ତା. ୧୬ : ଧନୁ ସଂକ୍ରାନ୍ତି
ତା. ୨୩ : ପଣ୍ଡୁ ଓଷା
ତା. ୨୪ : ମାର୍ଗଶିର ପୂର୍ଣ୍ଣିମା
ତା. ୨୫ : ବଡ଼ଦିନ ଉତ୍ସବ
ତା. ୩୧ : ସାମନ୍ତ ଚନ୍ଦ୍ରଶେଖର ଜୟନ୍ତୀ